## ୨୮ ତମ ସର୍ବଭାରତୀୟ ବୋରାସମ୍ବର କ୍ରିକେଟ କପ୍ ଉଦ୍‌ଯାପିତ

# ରୋମାଞ୍ଚକର ଫାଇନାଲରେ ଏମ୍‌ଏମ୍‌ସିସି ସମ୍ବଲପୁର ଚାମ୍ପିଅନ

ପଦ୍ମପୁର, ୨୧।୧(ସମିସ)

ପଦ୍ମପୁର ରାଜବୋଡାସମ୍ବର ଖେଳପଡିଆଠାରେ ବୋରାସମ୍ବର ସ୍ପୋର୍ଟିଂ ଦ୍ୱାରା ଆୟୋଜିତ ୨୮ତମ ସର୍ବଭାରତୀୟ ବୋରାସମ୍ବର କ୍ରିକେଟ କପ୍‌ର ଫାଇନାଲ ମ୍ୟାଚ୍ ବାପୁଜୀ କ୍ରିକେଟ କ୍ଲବ ଭୁବନେଶ୍ୱର ଓ ଏମ୍ ଏମ୍ ସିସି ସମ୍ବଲପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବାପୁଜୀ ଦଳ ବ୍ୟାଟିଂ କରି ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୧୭୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟଜିତ ସବତ ୫୮(୫୮) କରିଥିବା ବେଳେ ରାକେଶ ଗୋଛାୟତ ୪୧ (୬୬) ରନ କରିଥିଲେ। ଏମ୍‌ଏମ୍ ସିସି ଦଳ ପକ୍ଷରୁ ଅଭିନନ୍ଦନ ସିଂ ୨୯ ରନ ଦେଇ ୭ଟି ୱିକେଟ ନେଇଥିଲେ। ୧୭୬ ରନର ଲକ୍ଷ୍ୟ ନେଇ ସମ୍ବଲପୁର ଦଳ ପ୍ରଥମେ ୩ରନରେ ୩ଟି ୱିକେଟ ହରାଇଥିଲେ ମଧ୍ୟ ବିକାଶ ଦିକ୍ଷିତ୍ ୮୨ (୭୦) କରି ୨୮.୪ ଓଭରରେ ୯ ଉଇକେଟ ହରାଇ ୧୭୮ରନ ସଂଗ୍ରହ କରିଥିଲେ। ସମ୍ବଲପୁର ଦଳ ୧ ୱିକେଟ୍ ରେ ବିଜୟୀ ହୋଇଥିଲେ। ପୁରସ୍କାର ବିତରଣୀ ଅବସରରେ ମୁଖ୍ୟଅତିଥି ଭାବରେ ବର୍ଷା ସିଂ ବରିହା ଚାମ୍ପିଅନ ସମ୍ବଲପୁର ଦଳକୁ ବୋରସମ୍ବର୍



କପ ଓ ୭୦୦୦୦ ଟଙ୍କା ଏବଂ ଉପବିଜେତା ବାପୁଜୀ କ୍ଲବ୍ କୁ ୪୦୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ମେନ ଅଫ ମ୍ୟାଚ୍ ଏବଂ ବେଷ୍ଟ ବୋଲର ଅଭିନନ୍ଦନ ସିଂହ ଥିବା ବେଳେ ଦେବାଂଶ ପଟ୍ଟନାୟକ, ବେଷ୍ଟ ଅଲ ରାଉଣ୍ଡର ପ୍ରଦୀପ ପ୍ରଧାନ ପୁରସ୍କୃତ ହୋଇଥିଲେ। ମୁଖ୍ୟ ଆକର୍ଷଣ ଥିଲେ ଡା.ଅର୍ଚ୍ଚନା ପାଢ଼ୀ (ସମ୍ବଲପୁରୀ ସିଙ୍ଗର)। ସଂପାଦକ ଭରତ ପଣ୍ଡା ବାର୍ଷିକ ବୀବରଣୀ ପ୍ରଧାନ କରିଥିଲେ। ସଭପତି ସୁନୀଲ ସାହୁ ଧନ୍ୟବାଦ ଦେଇଥିଲେ। ଅମ୍ପାୟାର୍ ଅମିୟ ଭୂଷଣ ସାହୁ ଓ ବଳରାମ ପଟ୍ଟନାୟକ ପରିଚାଳନା କରିଥିବାବେଳେ ମ୍ୟାଚ ରେଫରି ଥିଲେ ସଚ୍ଚିଦାନନ୍ଦ ପଣ୍ଡା। ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା। ସନ୍ତୋଷ ନାୟାର, ଦିବ୍ୟକିଶୋର ପଣ୍ଡା, ରୋହନି ପାଣ୍ଡେ, କୁମାର ଆନନ୍ଦ, ପ୍ରକାଶ ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ'କାର୍ଯ୍ୟକ୍ରମ

ବରପାଲି, ୨୧।୧(ସମିସ): ବରପାଲି ସତଲମା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବିଶ୍ୱଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ତ୍ରିଦିବସିୟ ଭାବରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଓ ଜଗନ୍ନାଥ ସଂସ୍କୃତି ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ବିଜୟପଲ୍ଲୀ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟାପକ ଡ.ରମେଶ ଚନ୍ଦ୍ର କର ଆଲୋଚକ ଭାବେ ଯୋଗ ଦେଇଥିଲେ। ବନବସ ପଧାନ ଓ ସନ୍ତୋଷ ତ୍ରିପାଠୀ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତା ମାନ ଅନୁଷ୍ଠିତ ହୋଇଥିଲା।




## ଦୁର୍ଘଟଣାରେ କମଗାଁ କଲେଜ ଛାତ୍ର ମୃତ

ଭଟଲି, ୨୧।୧(ସମିସ): ଯୁକ୍ତ ଦୁଇରେ ପାଠ ପଢୁଥିବା କମଗାଁ କଲେଜ ଛାତ୍ର ଗତରାତିରେ ଏକ ହାଇୱା ଗାଡି ଧକ୍କାରେ କମଗାଁ ହାଇସ୍କୁଲ ସମ୍ମୁଖରେ ପ୍ରାଣ ହରାଇଥିବା ସୂଚନା ମିଳିଛି। ମୃତ ଛାତ୍ର ଜଣକ ପଦ୍ମପୁର ଉପଖଣ୍ଡ ସିଂହେନପାଲି ଗ୍ରାମର ହୋଇଥିବା ସୂଚନା ରହିଛି। ପାଠ ପଢିବା ପାଇଁ ଆସିଥିବା ଛାତ୍ର ମୃତ୍ୟୁର ଶିକାର ହେବା ସାଧାରଣତଃ ଲୋକଙ୍କ ମନରେ ଅଶାନ୍ତି ସୃଷ୍ଟି କରିଛି। କେଉଁ ପରିସ୍ଥିତିରେ ଗାଁ ପରିସରରେ ହାଇୱା ଧକ୍କାରେ ଛାତ୍ରଙ୍କ ମୃତ୍ୟୁ ହେଲା ତାହା ତଦନ୍ତ ଘେରରେ ରହିଛି। ଭଟଲି ପୁଲିସ ଅଧିକ ତଦନ୍ତ ଚଳାଇଛି।

## ଶିକ୍ଷକ ଗଙ୍ଗାଧର ରଣାଙ୍କ ପରଲୋକ



ବରପାଲି, ୨୧।୧(ସମିସ): ବରପାଲି ହାଇସ୍କୁଲ ପୂର୍ବତନ ଶିକ୍ଷକ ଗଙ୍ଗାଧର ରଣା(୭୫)ଙ୍କ ପରଲୋକ ହୋଇଯାଇଛି। ସେ ଆଦର୍ଶବାଦୀ ଶିକ୍ଷକ ହେବା ସହ ସମାଜସେବା ଓ କ୍ରୀଡାରେ ବ୍ରତୀ ରହିଥିଲେ। ଅଞ୍ଚଳର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଅନୁଷ୍ଠାନରେ ସାମିଲ ହୋଇପାରିଥିଲେ। ୭୫ ବର୍ଷ ବୟସରେ ତାଙ୍କର ବିୟୋଗ ଘଟିଥିଲା। ଅନ୍ତିମ ସମୟରେ ଆଖପାଖ ପଡୋଶୀଙ୍କ ସମେତ ବନ୍ଧୁବାନ୍ଧବ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଏକ ବିଷାଦର ଛାୟା ଖେଳିଯାଇଛି।

## ମୋହରିର ଦିବସ ପାଳିତ

ବରପାଲି,୨୧।୧(ସମିସ): ବରପାଲି ଓକିଲ ସଂଘ କାର୍ଯ୍ୟାଳୟ ସଭାଗୃହରେ ମୋହରିର ସଂଘ ପକ୍ଷରୁ ମୋହରିର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ତହସିଲଦାର ରୁକ୍ମଣ ମେହେର, ସମ୍ମାନିତ ଅତିଥି ଭାବେ ଓକିଲ ସଂଘ ସଭାପତି ଆନନ୍ଦ ସାହୁ ଯୋଗ ଦେଇଥିଲେ। ସଂଘ ସଭାପତି ସେବା ସାହୁଙ୍କ ସଭାପତିତ୍ୱରେ ସଭା ପରିଚାଳିତ ହୋଇଥିଲା। ମୋହରିର ମାନଙ୍କ ଦାୟିତ୍ୱ, ବିଶ୍ୱାସଭାଜନ, ଶୃଙ୍ଖଳା, ଦୃଷ୍ଟିକୋଣ ଆଦି ବିଷୟରେ ଆଲୋଚନା କରିଥିଲେ। ସଭ୍ୟ ଅଶୋକ ବରାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସଙ୍ଗୀତ ଗୁରୁ ରାଜକିଶୋରଙ୍କ ବିୟୋଗରେ ଶୋକ

ଅମ୍ବାଭୋନା, ୨୧।୧(ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ ବାଞ୍ଜିପାଲି ଗ୍ରାମର ସଙ୍ଗୀତ ଗୁରୁ, ପ୍ରତିଷ୍ଠିତ କବି, ନାଟ୍ୟକାର, ତଥା ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ସାହୁଙ୍କ ବିୟୋଗରେ ଅମ୍ବାଭୋନା ବ୍ଲକର ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। କେଦାରନାଥ କଳା ସାହିତ୍ୟ ସଂସଦର ସଭାପତି ସୀତରାମ ରଥ, ସମ୍ପାଦକ ଯୋଗେଶ୍ୱର ରଥ, ଗଜେନ୍ଦ୍ର ଦାଶ, ସୁଲଳିତ ପାତ୍ର, ଦେବାର୍ଚ୍ଚନ ନାଏକ, ପ୍ରଦୀପ କୁମାର ହୋତା, ଆଇନଜୀବୀ ଶରତ କୁମାର ପଧାନ, ଜୟସିଂହ ପଧାନ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ବ୍ୟକ୍ତି ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଥିଲେ।

## 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ପଦ୍ମପୁର, ୨୧।୧(ସମିସ): ବରିକେଲସ୍ଥିତ ଲାଲାଜୀ ଗୋପାଲଜୀ ସଂସ୍କୃତ ମହାବିଦ୍ୟାଳୟରେ ଯୁବ ବିକାଶ ନବୀନ ଓଡ଼ିଶା ଯୋଜନା ଅଧୀନ ଓଡ଼ିଆ ସାହିତ୍ୟ




ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଓଡ଼ିଆ ପ୍ରଫେସର ଡ. ପ୍ରମୋଦ କୁମାର ପାଢ଼ୀ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରଥିଲେ। ସମ୍ମାନିତ ଅତିଥି ଭାବରେ ଓଡିଆ ପ୍ରାଧ୍ୟାପକ ସନ୍ତୋଷ ସିଂ ଠାକୁର ଓଡିଆ ଭାଷା ସାହିତ୍ୟର ମହତ୍ୱ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ପଣ୍ଡିତ ସୁରେଶ ଚନ୍ଦ୍ର ଚୌହାନ ସାହିତ୍ୟ ସାଧନାରେ ସିଦ୍ଧହୋଇ ଜଗନ୍ନାଥ ସଂସ୍କୃତିକୁ ଲୋକାଭିମୁଖୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ଭାଗିରଥୀ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ହରେକୃଷ୍ଣ ମିଶ୍ର ରାଜ୍ୟ ସରକାରଙ୍କ ନୂଆ - ଓ ଯୋଜନାକୁ ପ୍ରଶଂସା କରିବା ସହ ଯୁବ ବିକାଶରେ ଓଡ଼ିଶାର ବିକାଶ ବୋଲି ମତବ୍ୟକ୍ତ କରିଥିଲେ। ନୋଡାଲ ଅଫିସର ସିତାରାମ ସାହୁ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ମନ୍ଦାକିନୀ ପାଢ଼ୀ, ସଂହିତା ବେହେରା, ବିଭୂତି ଗିରି, ଅଧ୍ୟାପକ ରମେଶ ଚନ୍ଦ୍ର ପୂଜାହାରୀ, ବନମାଳି ଚୌହାନ, ଅଜୟ ସାହୁ ବୁଇବତୀ ବୁଡେକ, ପ୍ରବୀଣା ଦାଶ ସହଯୋଗ କରିଥିଲେ।

## ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ଛୁଟିରେ



ବରଗଡ଼, ୨୧।୧(ସମିସ): ୪-ଦଫା ଦାବିପୂରଣ ନ ହେବାରୁ ଗତ ୧ତାରିଖରୁ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ସମୂହ ଛୁଟିରେ ଅଛନ୍ତି। ରାଜ୍ୟବ୍ୟାପୀ ସଂଘ ତରଫରୁ ଏଭଳି ପ୍ରତିବାଦ କରାଯାଇଛି ବୋଲି ସଂଘର ବରଗଡ଼ ଶାଖା ତରଫରୁ ଅନୁଷ୍ଠିତ ବୈଠକରେ ସ୍ପଷ୍ଟ କରାଯାଇଛି। କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନଙ୍କ ସହ ସମାନ ପଦୋନ୍ନତି ସୁବିଧା, କେନ୍ଦ୍ର ହାରରେ ଏନପିଏ, ରାଜ୍ୟରେ ପ୍ରାଣି ଗଣନା ଓ ଜନସାଧାରଣଙ୍କ ଆବଶ୍ୟକ୍ତା ଆଧାରରେ ଡା ଡାକ୍ତର ପଦବୀ ସୃଷ୍ଟି, ଡାକ୍ତର ନିଯୁକ୍ତି ଓ କ୍ୟାଡର ପୁନର୍ଗଠନ ଆଦି ସଂଘର ପ୍ରମୁଖ ଦାବି ରହିଛି। ବିଗତ କିଛି ବର୍ଷ ମଧ୍ୟରେ ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟର ବିବିଧାକରଣ ଓ ଦାୟିତ୍ୱ ବହୁଗୁଣିତ ହେବା ଦ୍ୱାରା ସେମାନେ ଚାପଗ୍ରସ୍ତରେ କାମ କରିବା ପାଇଁ ବାଧ ହେଉଛନ୍ତି ବୋଲି ବରଗଡ଼ ଶାଖା ପକ୍ଷରୁ ସୂଚନା ଦିଆଯାଇଛି।

## ମାର୍ଜାର କେଶରୀ ସଞ୍ଚାର କଳାକାର ସମାବେଶ

ପଦ୍ମପୁର, ୨୧।୧ (ସମିସ): ପଦ୍ମପୁର ଉପଖଣ୍ଡ ଚର୍ଦାପାଲି ଅଲେଖ ମହିମା ଆଶ୍ରମରେ ମାର୍ଜାର କେଶରୀ ସଂଚାର କଳାକାରଙ୍କ ଏକ ସମାବେଶ ସଞ୍ଚାର ବାୟକ ଡୋଲାମଣି ପଟେଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ବିଭୀଷଣ ସାହୁ, ଉପସଭାପତି କପୁର୍ଚନ ଛତର, ସଂପାଦକ ଗଣେଶ ସୁନା, ସହସଂପାଦକ ସନ୍ତୋଷ ବରିହାସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାରରେ ସଂଚାର କଳାକାରଙ୍କୁ ସାମିଲ କରିବାକୁ ଆଲୋଚନା କରିଥିଲେ। ଦୁଲ୍ଲଭ ହରିପାଲ, ମୋହନଲାଲ ବାଲମ, ତାରାଚନ ସୁନା, ସୁରେନ୍ଦ୍ର ବରିହା ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ମାର୍ଚ୍ଚ ୨୦ରୁ ୨୨ ମହିମା ମଠର ବାର୍ଷିକୋତ୍ସବରେ ସଂଚାର କଳାକାର ଯୋଗଦାନ କରିବାକୁ ଘୋଷଣା କରିଥିଲେ। ବାବା ସୁମନ୍ତ ଦାସ ଆଶିର୍ବଚନ ପ୍ରଦାନ କରିଥିଲେ।





## ଶରୀର ଦାନ କରିବେ ମା' ପୁଅ

ବରଗଡ଼, ୨୧।୧(ସମିସ): ବରଗଡ଼ ନିବାସୀ କିଶୋରୀ ଦାଶ ଏବଂ ତାଙ୍କ ବଡ଼ପୁଅ ଆଶୁତୋଶ ଦାଶଙ୍କ ମୃତ୍ୟୁପରେ ଶରୀରଦାନ କରିବାକୁ ନିଷ୍ପତ୍ତି ନେବା ସହ ଏ ନେଇ ଚୁକ୍ତିପତ୍ର କରିଛନ୍ତି। ସ୍ୱର୍ଗତ ବୈରାଗୀ ଦାଶଙ୍କ ସ୍ତ୍ରୀ କିଶୋରୀ ଦାଶ ଏବଂ ତାଙ୍କ ପୁଅ ଆଶୁତୋଶ ବୁର୍ଲା ବଡ ମେଡିକାଲକୁ ଯାଇ ଏ ନେଇ ଚୁକ୍ତିପତ୍ର କରିଥିବାବେଳେ ମୃତ୍ୟୁପରେ ତାଙ୍କ ଶରୀର ଗବେଷଣା ଓ ଚିକିତ୍ସାକ୍ଷେତ୍ରରେ ବ୍ୟବହାର କରାଯିବ ବୋଲି କହିଛନ୍ତି।

## ଭାଷା, ସାହିତ୍ୟ, ସୃଜନଶୀଳତାର ଉତ୍ସବ

ପଦ୍ମପୁର/ଦହିତା, ୨୧।୧ (ସମିସ): ପଦ୍ମପୁର ଉପଖଣ୍ଡ ସାପଲହର ଗାୟତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ସହ ଭାଷା ସାହିତ୍ୟ ସୃଜନଶୀଳତା ଉତ୍ସବକୁ ବାଦିକଟା ସରପଞ୍ଚ ସବିତା ସାହୁ ଉଦଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ସରୋଜ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଦୟାସାଗର ପ୍ରଧାନ, ମୁଖ୍ୟବକ୍ତା ପ୍ରୀତିରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଟିକୁନୁ ସାହୁ, ଶେଷଦେବ ମେହେର ଯୋଗଦାନ କରିଥିଲେ। ସହକାରୀ ଶିକ୍ଷକ ମନୋହର ସାହୁ ଖେଳ ପରିଚାଳନା କରିଥିଲେ। ଶୁକଦେବ ପ୍ରଧାନ, ମହାଦେବ ମର୍ହି, ମୋରାରଜୀ ପ୍ରଧାନ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ନିରୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ସେହିପରି ଦହିଗାଁ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଡୋଲାମଣି ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ସରପଞ୍ଚ ଚଞ୍ଚଳା ଦାଶ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟୀ ସଭାପତି ଈଶ୍ୱର ଭୋଇ, ଚାଷୀନେତା ସୁରେଶ ଚାନ୍ଦ, ଶିକ୍ଷାବିତ ସନାତନ ଭୋଇ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ କୌଶଳୀ କ୍ଲବକୁ ଶ୍ରେଷ୍ଠ କ୍ଲବ ଭାବରେ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶିକ୍ଷକ ଉପେନ୍ଦ୍ର ପ୍ରଧାନ, ପୃଥ୍ୱୀରାଜ ସାହୁ, ମନବୋଧ ପ୍ରଧାନ ଓ ସହକର୍ମୀ ସହଯୋଗ କରିଥିଲେ।



## ନୃସିଂହନାଥ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପାଇକମାଳକୁ ହରାଇ କନ୍ସାପଲା ଚାମ୍ପିଅନ

ପାଇକମାଳ, ୨୧।୧(ସମିସ): ପାଇକମାଳ ଏମ୍‌ଇ ସ୍କୁଲ ଖେଳପଡ଼ିଆ ଠାରେ ନବମ ବର୍ଷ ନୃସିଂହନାଥ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ପାଇକମାଳକୁ ହରାଇ କନ୍ସାପଲା ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମପୁର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ଭାବେ ସରୋଜ ସାମଲ, ସୁଶାନ୍ତ ନାଗ, ରୋଶନ ପାଣିଗ୍ରାହୀ, କୈଳସ ଦିଶ୍ରି, ବିକି ସିଂ, ସାମ୍ବାଦିକ ସୁରଥ କୁମାର ସାହୁ ଯୋଗ ଦେଇଥିଲେ। ସୁଶାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଛି। ୫ଦିନ ଧରି ଚାଲିଥିବା ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୋଟ୍ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଆଜି ଫାଇନାଲ ଖେଳ ପାଇକମାଳ ଓ ବଲାଙ୍ଗିରିର କନ୍ସାପଲା ମଧ୍ୟରେ ହୋଇଥିବାବେଳେ କନ୍ସାପଲା ଚାମ୍ପିଅନ ହୋଇଥିଲା। ଖେଳ ପରିଚାଳନା ଆଲୋକ ମିଶ୍ର ଓ ଅଟଳ ସରାଫ ଓ ରବୀନ୍ଦ୍ର ବେହେରା କରିଥିଲେ।



# କିଶୋରୀ ମେଳା ଓ ସ୍ୱାସ୍ଥ୍ୟ ଦିବସ ପାଳନ

ପାଇକମାଳ/ଥୁଆପାଲି, ୨୧।୧ (ସମିସ)

ପାଇକମାଳ ଅଙ୍ଗନବାଡି କେନ୍ଦ୍ର ଠାରେ କିଶୋରୀ ମେଳା ଓ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। ୧୦ବର୍ଷରୁ ୧୯ ବର୍ଷର କିଶୋରୀ ବାଳିକାଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପାଇକମାଳ ସିଡିପିଓ ଅନିତା ପାଣିଗ୍ରାହୀ, ସୁପରଭାଇଜର ସ୍ୱାସ୍ଥ୍ୟ ସହାୟକ ପ୍ରଦୀପ ସାହୁଙ୍କ ସହ ସଭାରେ ପାଇକମାଳ ଆଇସିଡିଏସର ମିନତୀ ସାହୁ, ସୁପରଭାଇଜର ଲକ୍ଷ୍ମୀ, ଏସଏଚଜି ସଭାପତି ଜ୍ୟୋତ୍ସ୍ନା ସାହୁ ଉପସ୍ଥିତ ଥିଲେ। ପାଇକମାଳ ମଣ୍ଡଳର ଅଙ୍ଗନବାଡି କର୍ମୀ ନିରାଶି କଲେତ, ରୀନା ରାଜହଂସ, ପ୍ରମୋଦିନୀ ଛତ୍ରିଆ, ଅଞ୍ଜନା ବଡ଼େଇ, ବୀଣା ସାହୁ, ଟିକେବାଲି ସୁନା, ଆରତୀ ଲୁହାର,



ଅଞ୍ଜଳି ବରିହା, ସିଏଚଓ ସୁରୁଚି ହଂସ, ଏଏନଏମ ଚନ୍ଦ୍ରିକା ଛୁରା, ଆଜକାର ସନ୍ତୋଷିନୀ ମହାପାତ୍ର, ପୁଷ୍ପାଞ୍ଜଳି ତାଣ୍ଡି, ଅଲିଭା ନିଆଲ, ଶୁଭବତୀ କୁମ୍ଭାର, ଫୁଲ ବରିହା, ମୁକ୍ତା ମୁନା, ନମିତା ହରିପାଳ, ପୁଷ୍ପିକା କଲେତ, ଅରୁଣା ଜାଲ, ଦୀପାଞ୍ଜଳି ଭୋଇ, କନକ ମଞ୍ଜୁରୀ ଲୁହାର, ସଂଯୁକ୍ତା ରଣା, ଦିଲେଶ୍ୱରୀ ସାହୁ, ନିବେଦିତା ବଗର୍ତି, ସତ୍ୟଭାମା ପୁଦେଇ, ପଙ୍କଜିନୀ ବରିହା, ସୁନିତା କୁମ୍ଭାର, ସୁନିତା କୁମ୍ଭାର, ପୁଷ୍ପିକା କଲେତ ସହଯୋଗ କରିଥିଲେ। ସମାଜସେବୀ ପିତାମ୍ବର ବାଗ ସହଯୋଗ କରିଥିଲେ। କିଶୋରୀ ବାଳିକାଙ୍କୁ ପୁରସ୍କାର ବିତରଣ କରାଯାଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ସେହିପରି ଝିଟିକି ପଞ୍ଚାୟତରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି।

ଅନ୍ୟପକ୍ଷରେ, ଭେଡେନ ବ୍ଲକ ଅର୍ଜୁଣ୍ଡା ପଞ୍ଚାୟତର ବାବା ମଠ ବିଲେଇବେର୍ଣ୍ଣା କଲ୍ୟାଣ ମଣ୍ଡପଠାରେ କିଶୋରୀ ମେଳା ମହାସମାରୋହରେ ଅନୁଷ୍ଠିତ ହୋଇଯାଇ। ମୁଖ୍ୟଅତିଥି ଭାବେ ସରପଞ୍ଚ ଖଇରି ଦୀପ, କ୍ଷେତ୍ର ପରିଦର୍ଶିକା ବୀଣାପାଣି ମାଝି, ମହିଳା ସ୍ୱାସ୍ଥ୍ୟକର୍ମୀ ସିଣ୍ଡୋଲା ଖାଲକୋ, ଆଶିଷ ମାଝି, ଅଙ୍ଗନବାଡି କର୍ମୀ, ସନ୍ତୋଷିନୀ ବଗର୍ତ୍ତି, ଝରଣା ଗେଜୋ, ପଲ୍ଲଭି ଦୀପ, ଗନ୍ଧର୍ବ ଭୋଇ, ମନୋରମା ଭୁଏ, ରିତାନ୍ତି ସେଠ ପ୍ରମୁଖ ଯୋଗଦାନ କରିଥିଲେ। ବିଲେଇବେର୍ଣ୍ଣାର କିଶୋରୀ ଓ ମହିଳା ଯୋଗ ଦେଇଥିଲେ। ବିଭିନ୍ନ ପ୍ରକାରର ଝୋଟି, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗ୍ରାମବାସୀ ସହଯୋଗ କରିଥିଲେ।



### ସମ୍ବଲପୁର କୌଶଳ ମହୋତ୍ସବରେ ୧୦୯୫ ଜଣଙ୍କୁ ନିଯୁକ୍ତିପତ୍ର

# ଯୁବବର୍ଗଙ୍କ ରୋଜଗାର ସ୍ୱପ୍ନ ପୂରଣ ହେଉଛି

**ସମ୍ବଲପୁର, ୨୧।୧(ସମିସ)**

ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅନ୍ତର୍ଗତ ଏନ୍ଏସ୍‌ଡିସି ଦ୍ୱାରା ଆୟୋଜିତ କୌଶଳ ମହୋତ୍ସବ (ରୋଜଗାର ମେଳା) ଯୁବବର୍ଗଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହ ସେମାନଙ୍କର ସ୍ୱପ୍ନ ପୂରଣ କରୁଛି ବୋଲି ସମ୍ବଲପୁର ଜିଲ୍ଲାର ଧାନକଉଡ଼ା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ମହୋତ୍ସବରେ ସାହୀ ଏକ୍ସପୋର୍ଟ, ଏଲଏଣ୍ଡଟି ଫାଇନାନ୍ସ, ରିଲାଇନ୍ସ ଜିଓ କମ୍ପାନୀ ସହ ବ୍ୟାଙ୍କିଂ, ଇଲେକ୍ଟ୍ରୋନିକ୍ସ, ଆଇଟି, ମ୍ୟାନେଜମେଣ୍ଟ, ମାଇନିଂ, ପର୍ଯ୍ୟଟନ ଏବଂ ଆତିଥେୟତା କ୍ଷେତ୍ରରେ ଚୟନ ହୋଇଥିବା ୧୦୯୫ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଶା ସମେତ ଦେଶର ଦକ୍ଷ ଯୁବକ ଯୁବତୀମାନଙ୍କୁ ବିଭିନ୍ନ ସେକ୍ଟରରେ ରୋଜଗାର ପ୍ରଦାନ କରିବା ଲକ୍ଷ୍ୟରେ ଆୟୋଜିତ ଏହି ରୋଜଗାର ମେଳାର ଲକ୍ଷ୍ୟ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।



ଯୁବ ପ୍ରତିଭାମାନେ ଆଜି ରୋଜଗାର ମେଳା ମାଧ୍ୟମରେ ବିଭିନ୍ନ ସେକ୍ଟରରେ ନିଯୁକ୍ତି ପାଇଛନ୍ତି। ସେମାନଙ୍କୁ ସମ୍ମାନ ଓ ସ୍ୱାଭିମାନ ସହକାରେ ଜୀବନ ବଞ୍ଚିବା ପାଇଁ ବାଟ ଦେଖାଇବ। ସେହି ରାଜ୍ୟରେ ଯୁବକ ମାନଙ୍କ ମଧ୍ୟରେ ଦକ୍ଷତା ବହୁତ ଅଛି। ଏହାକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି। ସ୍କିଲ୍ ଇଣ୍ଡିଆ ଓ ଡିଜିଟାଲ ଇଣ୍ଡିଆ ଯୁବକଙ୍କୁ ଆତ୍ମନିର୍ଭର ଓ ସ୍ୱାଭିମାନ କରିବା ପାଇଁ ଅଭିନବ ଉପକ୍ରମ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଜାତୀୟ ଶିକ୍ଷା ନୀତିରେ କୌଶଳକୁ ସ୍କୁଲ ପାଠପଢ଼ାର ବିଷୟ ଭାବରେ ଗ୍ରହଣ କରାଯିବା ସହ ଏକାଡେମିକ ବ୍ୟାଙ୍କ ଅଫ କ୍ରେଡିଟ୍ ଭଳି ପଦକ୍ଷେପ ନିଆଯାଇଛି। ରୋଜଗାର ସହ ପାଠପଢ଼ାର ବ୍ୟବସ୍ଥା ହୋଇଛି। କାମ କରିବାର ଅନୁଭବକୁ କ୍ରେଡିଟ୍ ଦିଆଯାଇଛି। ସ୍କୁଲରେ ରୋବୋଟିକ ପାଠ ପଢ଼ାଇବାର ଯୋଜନା ଆରମ୍ଭ ହୋଇଛ। ଏହି ଅବସରରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ, ପୂର୍ବତନ କୁଚିଣ୍ଡା ବିଧାୟକ ରବି ନାରାୟଣ ନାୟକ ଉପସ୍ଥିତ ଥିଲେ।

### ଓୟୁଜେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

## ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରନ୍ତୁ



**କୁଚିଣ୍ଡା, ୨୧।୧(ସମିସ):** ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରନ୍ତୁ, ପେନସନ ପ୍ରଦାନ ଏବଂ ସାମ୍ବାଦିକଙ୍କୁ ସମ୍ମାନ ଦେବାକୁ ସମ୍ବଲପୁର ଜିଲ୍ଲା (ଓୟୁଜେ) ସାମ୍ବାଦିକ ୟୁନିୟନର କାର୍ଯ୍ୟକାରିଣୀ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। କୁଚିଣ୍ଡା ସାମ୍ବାଦିକ ଭବନ ଠାରେ ଆୟୋଜିତ ବୈଠକରେ ଜିଲ୍ଲା ସଭାପତି ପ୍ରଭାତ ବେହେରା ସଭାପତିତ୍ୱ କରି ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କୁଚିଣ୍ଡା ବ୍ଲକ ସାମ୍ବାଦିକ ୟୁନିୟନ ସଭାପତି ବିରଞ୍ଚି ଦର୍କା ଅତିଥି ଆମନ୍ତ୍ରଣ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଶରତ ପ୍ରଧାନ ଜିଲ୍ଲା ୟୁନିୟନର ବିବରଣୀ ଉପସ୍ଥାପନ ପରେ ବରିଷ୍ଠ ସଦସ୍ୟ ହରିହର ନାଥ, ପ୍ରଦୀପ ମିଶ୍ର, ଦେବେନ୍ଦ୍ର ମିଶ୍ର, ଜୟକିଶୋର ମହାପାତ୍ର ପ୍ରମୁଖ ସାମ୍ବାଦିକଙ୍କ ସମସ୍ୟାର ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସାମ୍ବାଦିକ ସୁରକ୍ଷା ଆଇନ, ପେନସନ ଓ ସାମ୍ବାଦିକଙ୍କୁ ସମ୍ମାନ ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ ପାଇଁ ଆଲୋଚନା ପୂର୍ବକ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ରାଜ୍ୟ କୋଷାଧକ୍ଷ ଅମୂଲ୍ୟ ରଞ୍ଜନ ସ୍ୱାଇଁ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଚ୍ଚିକାନ୍ତ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର ଯୋଗଦେଇ ରାଜ୍ୟ ସରକାର ତୁରନ୍ତ ସାମ୍ବାଦିକ ମାନଙ୍କ ଦାବି ପୂରଣରେ ଅନୁଗ୍ରହ ପ୍ରଦର୍ଶନ ପାଇଁ ଦାବି ରଖିଥିଲେ। ଜିଲ୍ଲା ଉପସଭାପତି ଦୀନେଶ ମାହାନା, ସତିଶ ମିଶ୍ର, ସମ୍ପାଦକ କ୍ଷୀତିରଞ୍ଜନ ପଧାନ, ସହସମ୍ପାଦକ ତପନ ଦାସ, କୋଷାଧକ୍ଷ ହେମନ୍ତ ରାଉତ, ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାଏକଙ୍କ ସମେତ କୁଚିଣ୍ଡା, ବାମରା, ଜମନକିରା, ରେଙ୍ଗାଲି, ରେଢାଖୋଲ, ନାକଟିଦେଉଳ, ମାନେଶ୍ୱର, ଧନକଉଡ଼ା ଆଦି ବ୍ଲକର ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ କ୍ଷୀରୋଦ ସା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୁଚିଣ୍ଡା ସାମ୍ବାଦିକ ସଂଘର ସଦସ୍ୟ ତନୟ ମହାପାତ୍ର, ପ୍ରଶାନ୍ତ ଶର୍ମା, ପ୍ରକାଶ ଶର୍ମା, ସୁଧିର ମହାନ୍ତି, ସୌମ୍ୟରଞ୍ଜନ ଧଳ, ଲିପୁନଚାନ୍ଦ ସାହୁ, ମନିଷ ତିୱାରୀ, ତପନ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଅଞ୍ଚଳର ବିକାଶ ପାଇଁ ଯୁବ, ଛାତ୍ର ଆଗେଇ ଆସନ୍ତୁ

**ମାନେଶ୍ୱର, ୨୧।୧(ସମିସ):** ଆଜି ଧମା ଡାକବଙ୍ଗଳା ଠାରେ ୟୁଥ୍ ଆୱାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅଞ୍ଚଳର ବିକାଶ ଓ ସମସ୍ୟା ସହ ଛାତ୍ର, ଯୁବସମାଜ ସାମିଲ ପାଇଁ ମତ ପ୍ରକାଶ ପାଇଥିଲା। ଧମା ଡାକବଙ୍ଗଳା ଠାରେ ଯୁବ ଛାତ୍ର ଏବଂ ମହିଳାମାନେ ଯୋଗ ଦେଇଥିଲେ। ଜିଲ୍ଲା ଛାତ୍ର ବିଜେଡି ଜିଲ୍ଲା ସମ୍ପାଦକ ଚୁମନ ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ କେନ୍ଦୁଲିଭ ୱେଲଫେୟାର ବୋର୍ଡ ଉପଦେଷ୍ଟା ସଂଜିତ ମହାନ୍ତି ଉପସ୍ଥିତ ରହି ଯୁବ ଛାତ୍ରଙ୍କୁ ଅଞ୍ଚଳର ବିକାଶ ଓ ସମସ୍ୟା ସହିତ ଯୋଡ଼ିବା ସହ ରାଜନୀତିରେ ନୂଆଁ ଯୁବ ପୀଢ଼ିକୁ ସାମିଲ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ପ୍ରକାଶ କରିଥିଲେ। ଆହୁରି ମଧ୍ୟ ସାଧାରଣ ପରିବାର ମଧ୍ୟବିତ୍ତ ପରିବାର ଏବଂ ପଛୁଆବର୍ଗର ଛାତ୍ର, ଯୁବ ପୀଢ଼ିଙ୍କୁ ନିଜ ଅଧିକାର ଓ ଅଞ୍ଚଳର ବିକାଶରେ ସାମିଲ ହେବା ପାଇଁ ତଥା ସରକାରଙ୍କ ଅନେକ ଯୋଜନା କିପରି ସାଧାରଣ ଜନତା, ଶ୍ରମିକ, ଚାଷୀ, କେନ୍ଦୁପତ୍ର ତୋଳାଳି ସହିତ ଗ୍ରାମାଞ୍ଚଳକୁ ପହଞ୍ଚିବ ସେ ଦିଗରେ ନୂତନ ପୀଢ଼ି ସଜାଗ ହେବା ପାଇଁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଧିରେନ ଦେବତା, ଯୁବ ବିଜେଡ଼ି ଜୋନ ସମ୍ପାଦକ ପ୍ରତାପ ଶର୍ମା, ଛାତ୍ର ବିଜେଡ଼ି ଜିଲ୍ଲା ଉପ ସଭାପତି ସୁମିତ ପଟେଲ, ଛାତ୍ର ଜୋନ ଉପ ସଭାପତି ଦେବ ଜ୍ୟୋତି ପଟ୍ଟନାୟକ, ଦେବାଶିଷ ସାହୁ, ନାୟବ ସରପଞ୍ଚ ଧନେଶ୍ୱର ସାହୁ, ପ୍ରଭାତ ସାହୁ, ଧମା ରେଞ୍ଜ ସମ୍ପାଦକ ପ୍ରଶାନ୍ତ ଦୀପ, ମୁନସୀ ଦେବ ହରି, କିଶୋର ପ୍ରଧାନ, ସୁନିଲ ପ୍ରଧାନ, ଜଗଦୀଶ ପ୍ରଧାନ, ନିରୋଜ କୁମାର ସମେତ ଡକରା, ଦେଓ ଗାଁ, ହୁମା, ଧମା, ଗଡ଼ଲୁଇସିଂ ଅଞ୍ଚଳରୁ ଶତାଧିକ ଯୁବ ଛାତ୍ର, ତୋଳାଳି ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମାଁ ଝାଡେଶ୍ୱରି ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା।



### ୨୬ତମ ଫୁଟବଲ ପ୍ରତିଯୋଗିତା ଆରମ୍ଭ

**ରେଙ୍ଗାଲି, ୨୧।୧(ସମିସ):** ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଆରମ୍ଭ ହୋଇଯାଇଛି ଖିଣ୍ଡା ମହୋତ୍ସବ 'ମହକ-୨୦୨୪'। ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ପୁଣ୍ୟ ଜନ୍ମବାର୍ଷିକୀ ଅବସରରେ ମାଁ ସମଲେଶ୍ୱରୀ କ୍ଲବ ଖିଣ୍ଡାର ୨୬ତମ ଫୁଟବଲ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଏନ୍ଏଲ୍‌ସି ଡିଜିଏମ ଏଚ୍ଆର୍ ସୁବ୍ରତ ବିଶ୍ୱାଳ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖିଣ୍ଡା ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ସାହୁ, ସରପଞ୍ଚ ସନ୍ଧ୍ୟାରାଣୀ ପ୍ରଧାନ, ଖିଣ୍ଡା ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଗୌରିଦାସ ପଧାନ, ୟୁନିଅନର କାର୍ଯ୍ୟକାରୀ ସଭାପତି ବାବଲୁ ରାଉତ, ସାମ୍ବାଦିକ ସୁବ୍ରତ ପାଢ଼ୀଙ୍କ ସହିତ କ୍ଲବର ସଦସ୍ୟ ଏବଂ ପଞ୍ଚାୟତର ଅନେକ ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ମହୋତ୍ସବ ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ଚାଲିବ।

## ଅର୍ପଣ ଚାଉଳର ସୁବିନିଯୋଗ ଦାବି

**ଯୁଯୁମୁରା, ୨୧।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ଲୋକାର୍ପଣ ଉତ୍ସବ ପାଇଁ ଜଗନ୍ନାଥ ପ୍ରେମୀ ଓ ଶ୍ରଦ୍ଧାଳୁ ମାନେ ଭକ୍ତିର ସହ ମହାପ୍ରଭୁଙ୍କ ଉଦ୍ଦେଶରେ ଅରୁଆ ଚାଉଳ, ଗୁଆ ଦେଇଥିଲେ। ଯୁଯୁମୁରା ବ୍ଲକର ଜଗନ୍ନାଥ ମନ୍ଦିର ମାନଙ୍କରେ ବ୍ୟବହାର କରାଯିବାକୁ ସରକାରଙ୍କ ଅନୁମତି ମଗାଯାଉ। ଅର୍ପଣ ଚାଉଳ ଶ୍ରୀମନ୍ଦିରରେ ବ୍ୟବହାର ହୋଇପାରିବାରେ ଯଦି ସମସ୍ୟା ହେଉଛି ତାହା ହେଲେ ସୁବିଧା ହେବ। ସରକାରଙ୍କୁ ତୃଣମୂଳ ସ୍ତରରୁ ପ୍ରସ୍ତାବ ଦେବା ଜନସାଧାରଣଙ୍କ ମଧ୍ୟ କାମ ହୋଇଥିବାରୁ ଏଭଳି ଏକ ପ୍ରସ୍ତାବ ଯୁଯୁମୁରା ବ୍ଲକ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଚିଠି ଲେଖି ରାଜ୍ୟ ସରକାର ପାଖରେ ଜଣାଇବାକୁ ଅନୁରୋଧ କରିଛନ୍ତି ଡାକ୍ତର ରାଜାରାମ ଷଡଙ୍ଗୀ। ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିର ଗୁଡିକରେ ନିୟମିତ ଭୋଗ ପାଇଁ ବହୁ ସ୍ଥାନରେ ବ୍ୟବସ୍ଥା ନାହିଁ। ଭୋଗ ପାଇଁ ବିଭିନ୍ନ ସମସ୍ୟା ଦେଖା ଦେଇଥାଏ ବୋଲି ସେ ସ୍ମାରକ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଅର୍ପଣ ଚାଉଳକୁ ବ୍ଲକ ମଧ୍ୟରେ ଥିବା ଜଗନ୍ନାଥ ମନ୍ଦିର ସବୁକୁ ଚିହ୍ନଟ କରି ଗୁଆ ପୁରୀ ପଠାଇ ଚାଉଳ, ଶ୍ରୀଫଳ ଆଦି ଅର୍ଘ୍ୟ ବ୍ଲକ ସ୍ତରୀୟ ମନ୍ଦିର ଗୁଡିକରେ ବ୍ୟବହାର କରାଯାଉ ବୋଲି ପ୍ରସ୍ତାବ ଦେଉଛନ୍ତି। ଏହା ଏକ ଗଠନଶୀଳ ପରାମର୍ଶ।

## କ୍ରିକେଟ୍ ପ୍ରତିଯୋଗିତା: ଦେଓଗାଁ ଚାମ୍ପିଅନ



**ମାନେଶ୍ୱର, ୨୧।୧(ସମିସ):** ଦେଓଗାଁ ଜୟ ହନୁମାନ ଯୁବକ ସଂଘ ଆନୁକୂଲ୍ୟରେ ଦେଓଗାଁ ପଞ୍ଚାୟତରେ ହୋଇଥିବା ଦୁଇଦିନିଆ କ୍ରିକେଟ୍ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଛି। ଏଥିରେ ମୋଟ ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଦେଓଗାଁ କ୍ଲବ ଏବଂ କେଉଁଟିପାଲି ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚ ଖେଳି ଦେଓଗାଁ ୧୩ ରନରେ ବିଜୟୀ ହୋଇଥିଲା। ମ୍ୟାଚକୁ ଅମ୍ପାୟାର୍ ଜେନାକାନ୍ତ ବାରିକ ଓ ଭିରୋଜ ଡନସନା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସତ୍ୟବାନ ମିଶ୍ର, ଦେବାଶିଷ ପଟ୍ଟନାୟକ, ଯୋଗେଶ୍ୱର ରାଉତ, ଧନୁ ପଟେଲ, ପରାଗ ମହନ୍ତ ଉପସ୍ଥିତ ରହି ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବିଜୁ ସେଠ, ମୁନୁ ଦୀପ, ବାସୁଦେବ ସେଠ, ପଦ୍ମଲୋଚନ ବାରିକ, ସୋମ ନାଏକ, ବିନୋଦ ସେଠ, ଜଗନ୍ନାଥ ବାରିକ, ସୁରଜ ଭରାସଗାର ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ପାଇଁ ଚାରିଆଡ଼େ ଉତ୍ସବ

**ରେଙ୍ଗାଲି, ୨୧।୧(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ନୂଆ ରମ୍ପେଲା ଗ୍ରାମରେ ଶ୍ରୀରାମଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଯୋଧ୍ୟାରେ ପ୍ରଭୁ ରାମଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ନୂଆ ରାମ୍ପେଲା ଗ୍ରାମ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀରାମଙ୍କ ବୈଦିକ ରୀତିରେ ପ୍ରତିଷ୍ଠା ଅନୁଷ୍ଠିତ ହେବ। ରବିବାର ସନ୍ଧ୍ୟାରେ କଳସ ଯାତ୍ରାରେ ୧୫୧ ମହିଳା ସାମିଲ ହୋଇଥିଲେ। ଏହି କଳସ ଯାତ୍ରା ରେ ସମସ୍ତ ଗ୍ରାମବାସୀ ସାମିଲ ହୋଇଥିଲେ। ଏହି ଅବସରରେ ଅଭିନାଶ ପଣ୍ଡା ସପତ୍ନିକ ମୁଖ୍ୟ କର୍ତ୍ତା ହୋଇଥିବା ବେଳେ ପଣ୍ଡିତ ମନୋଜ ଦେବତା ମୁଖ୍ୟ ପୂଜକ ହୋଇଛନ୍ତି। ପ୍ରଶାନ୍ତ ଦାସ ସହ ପଣ୍ଡିତ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ଉତ୍ସବ ଆୟୋଜନରେ ରାମସାହାୟ ପଣ୍ଡା, ବିନୋଦ ନନ୍ଦ, ପ୍ରଶାନ୍ତ ପଣ୍ଡା, ସୁଧୀର ତ୍ରିପାଠୀ, ବିଶ୍ୱନାଥ ଅଗ୍ରୱାଲ, ରାଜୀବ ମିଶ୍ର, ସରୋଜ ବିଶୋଇ, ପ୍ରଦୀପ ସାହୁ, ବସନ୍ତ ତଣ୍ଡକାରଙ୍କ ସହ ଗ୍ରାମବାସୀ ସହଯୋଗ କରୁଛନ୍ତି।



### କୁଚିଣ୍ଡା ଉତ୍ସବମୁଖର

**କୁଚିଣ୍ଡା, ୨୧।୧(ସମିସ):** ଆଗାମୀ ୨୨ତାରିଖ ଅଯୋଧ୍ୟା ରାମଜନ୍ମଭୂମି ଠାରେ ରାମଲାଲାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପ୍ରାଣ ପ୍ରତିଷ୍ଠା ଅବସରରେ କୁଚିଣ୍ଡାରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। କୁଚିଣ୍ଡା ଜନସାଧାରଣଙ୍କ ପକ୍ଷରୁ ମନ୍ଦିର ଛକ ଦୁର୍ଗାପୂଜା ମଣ୍ଡପରେ ରାମାୟଣ ପାଠ ଚାଲିଥିବା ସମୟରେ ସହରର ମୁଖ୍ୟ ରାସ୍ତା ଗୁଡିକ ଗେରୁଆ ରଙ୍ଗର ଝଣ୍ଡାରେ ସଜାଇ ହୋଇଛି। ୨୨ତାରିଖ ମନ୍ଦିର ଛକରୁ ଏକ ଶୋଭାଯାତ୍ରା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ପୁରୁଣା ବସଷ୍ଟାଣ୍ଡରେ ସମାବେଶ ହେବା ସହିତ ସେଠାରେ ସର୍ବ ସାଧାରଣଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ସହରରେ ଜନସାଧାରଣଙ୍କୁ ଆମିଷ ଭକ୍ଷଣ ପାଇଁ ଗୋଟିଏ ଦିନ ବାରଣ କରିବା ସହ ପ୍ରତି ଘରେ ପ୍ରଦୀପ ଜଳାଇବାକୁ କମିଟି ପକ୍ଷରୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି।

### ମହିଳା ସଶକ୍ତୀକରଣ ଓ ସଚେତନା ସମାବେଶ



**କୁଚିଣ୍ଡା,୨୧।୧(ସମିସ):** ସଇଡ଼ା ମେଗାଲିଫ୍ଟ ପଡ଼ିଆରେ ରବିବାର ୫୫୦କିସାନ ସମାଜ ଲଇଡ଼ାଗୁଣା କେନ୍ଦ୍ର ଗୁଡ଼ିସ୍ତରୀୟ ମହିଳା ସଶକ୍ତୀକରଣ ଓ ସଚେତନା ସମାବେଶ ହୋଇଯାଇଛି। ମନୋଜ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କିସାନ ସମାଜର ରାଜ୍ୟ ସଭାପତି ମୋହନଲାଲ କିସାନ, ଉପ ସଭାପତି ବୃନ୍ଦାବନ ମାଝୀ, ରାଜ୍ୟ ସମ୍ପାଦକ ମନବୋଧ ମାଝୀ, ସମ୍ବଲପୁର ଜିଲ୍ଲା ସଭାପତି ପଞ୍ଚାନନ ପ୍ରଧାନ, ସୁନ୍ଦରଗଡ଼ ସଭାପତି ଜଗନ୍ନାଥ ଲାକଡ଼ା, ସୁନ୍ଦରଗଡ଼ ମହିଳା ସଭାନେତ୍ରୀ ସାବିତ୍ରୀ ଏକ୍କା, ଝାରସୁଗୁଡ଼ା ସଭାପତି ତ୍ରିଲୋଚନ ପ୍ରଧାନ, ଭାତଲଇଡା ମହାଗୁଡି ସଭାପତି ସନ୍ତୋଷ ମାଝୀ, ଝାରସୁଗୁଡା ମହିଳା ସରସ୍ୱତୀ ମାଝୀ, ଦେବଗଡ଼ ଜିଲ୍ଲା ସମ୍ପାଦକ ଶରତ କିସାନ, କୁଚିଣ୍ଡା ମହାଗୁଡି ସାଧାରଣ ସମ୍ପାଦକ ମନୋଜ କୁମାର ବାଘ ପ୍ରମୁଖ ଯୋଗଦେଇ ମହିଳା ସଶକ୍ତୀକରଣର ଆବଶ୍ୟକତା ଓ ସମାଜ ଗଠନରେ ଭୂମିକା ଉପରେ ଆଲୋଚନା କରିଥିଲେ। ମହିଳା ସଂଘ ଗଠନ, ଆର୍ଥିକ ସମୃଦ୍ଧି, କନ୍ୟା ସନ୍ତାନର ଶିକ୍ଷା ଓ ସୁରକ୍ଷା, ମହିଳାଙ୍କ ପ୍ରତି ଶୋଷଣ, ନିର୍ଯାତନା ନିବାରଣ ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଲଇଡାଗୁଣା କେନ୍ଦ୍ର ମହାଗୁଡି ସଭାପତି ଦିବ୍ୟରାଜ କିସାନ, ମହାଗୁଡି ସମ୍ପାଦକ ମନୋରଥ ମାଝୀ, ମହାଗୁଡି ଉପସଭାପତି ବୈଲୋଚନ ବାଘ, କୁଚିଣ୍ଡା ବ୍ଲକର ପୂର୍ବତନ ଅଧକ୍ଷ କରୁଣା କର କିସାନ, ଚୈତନ୍ୟ କାଉ, ତୁଳାରାମ ବାଘ, ସାଧୁଚରଣ ମାଝୀ, ଭଦ୍ର ଚରଣ କିସାନ, ସୁବ୍ରତ କାଉ ପ୍ରମୁଖଙ୍କ ସମେତ ହଜାର ହଜାର ସଂଖ୍ୟାରେ କିସାନ ସମାଜର ପୁରୁଷ ମହିଳା, ଯୁବକ ଯୁବତୀ ଯୋଗଦେଇଥିଲେ।



## ହୀରାକୁଦ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଗୋଲଡେନ୍‌କୁ ହରାଇ ଅନ୍ଧାରୀପାଟ ଚାମ୍ପିଅନ୍

**ହୀରାକୁଦ, ୨୧।୧(ସମିସ)**

ହୀରାକୁଦ କ୍ରୀଡ଼ା ସଂସଦ ତରଫରୁ ସୁଭାଷ ପଡ଼ିଆରେ ଚାଲିଥିବା ହୀରାକୁଦ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆଜିର ଫାଇନାଲ ମ୍ୟାଚ ଗୋଲ୍ଡେନ କ୍ଲବ ଓ ଅନ୍ଧାରୀପାଟ ୱାରିୱର୍ସ ମଧ୍ୟରେ ହୋଇଥିଲା। ଗୋଲ୍ ଡେନ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଦଳ ପକ୍ଷରୁ କମଳ ପଣ୍ଡା ଓ ଆଦିତ୍ୟ ମହାରଣା ଧୂଆଁଦାର ବ୍ୟାଟିଂ କରିଥିଲେ। କମଳ ୨୭ବଲ୍‌ରେ ୫୫ରନ୍ ଆଦିତ୍ୟ ୩୧ବଲ୍‌ରେ ୨୯ରନ କରିଥିଲେ। ପରେ ସୂର୍ଯ୍ୟକାନ୍ତ ୨୨ବଲ୍‌ରେ ୩୭ରନ୍ ଯୋଗୁଁ ଦଳ ସର୍ବମୋଟ ୧୭୬ରନ ସଂଗ୍ରହ କରିଥିଲେ। ଅନ୍ଧାରୀପାଟ ଦଳ ପକ୍ଷରୁ ଶୈଳେସ ୪ ଓଭରରେ ୨୩ ରନ ଦେଇ ୨ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଅନ୍ଧାରୀପାଟ ଦଳ ପ୍ରଥମରୁ ୱିକେଟ ହରାଇଥିଲା। କିନ୍ତୁ ମଧ୍ୟମ କ୍ରମ ବ୍ୟାଟ୍ସମ୍ୟାନ୍ ସୁଧୀର ତାରିଆଙ୍କ ୫୫ ରନ, ଖଗେଶ୍ୱରଙ୍କ ୩୬ ଓ ରାହୁଲଙ୍କ ୩୩ ରନ ବଳରେ ଦଳ ବିଜୟୀ ହୋଇଥିଲା। ଶୈଳେଶ ମହତ୍ତ୍ୱପୂର୍ଣ୍ଣ ୧୨ରନ କରିଥିଲେ। ଅନ୍ଧାରୀପାଟ ଦଳ ଶେଷ ଓଭରରେ ୧୭୭ ରନ କରି ବିଜୟୀ ହେଲେ। ଆଜିର ମ୍ୟାଚ୍‌କୁ ଏମ୍‌ଡି ଜିଲାନି ଓ ବିକ୍ରମ ପଣ୍ଡା ଏମ୍ପାୟାର ଭାବେ ଓ ଜଟାଧାରୀ ଛନ୍ଦା ସ୍କୋରର ଭାବେ ପରିଚାଳନା କରିଥିଲେ। ପ୍ରହଲ୍ଲାଦ ତାଣ୍ଡି ଧାରାବିବରଣୀ କରିଥିଲେ। ଟର୍ଣ୍ଣାମେଣ୍ଟରେ ବିଷ୍ଣୁ ପ୍ରଧାନ ବେଷ୍ଟ ଫିଲ୍ଡର୍, ନେତ୍ରାନନ୍ଦ ପଟ୍ଟନାୟକ ବେଷ୍ଟ ବୋଲର, ସନ୍ୟାସୀ ସିଂ ବେଷ୍ଟ ବ୍ୟାଟ୍ସମ୍ୟାନ୍, ସୁଧୀର ତରିଆ ମେନ୍ ଅଫ ଦି ମ୍ୟାଚ୍, ବିଘ୍ନେଶ୍ୱର ପାଣିଗ୍ରାହୀ ମ୍ୟାନ ଅଫ ଦି ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ସମ୍ମାନିତ ଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ଦାସ ଓ ଅନ୍ୟାନ୍ୟ ଅତିଥି ଭାବେ ହିଣ୍ଡାଲକୋ ଏଫ୍‌ଆର୍‌ପି ଅଧିକାରୀ ଦୀପକ ମହାନ୍ତି ଓ ସତ୍ୟପ୍ରକାଶ ଦାସ ଯୋଗଦାନ କରିଥିଲେ। ଏହି ଅବସର ରେ ସରକାରୀ ବାଳିକା ବିଦ୍ୟାଳୟ ର ଛାତ୍ରୀ ମାନଙ୍କ ଦ୍?ାରା ନୃତ୍ୟ ପରିବେଷଣ କରାଯାଇଥିଲା। ସଭାକୁ ସଂସଦର କାର୍ଯ୍ୟକାରୀ ସଭାପତି ସଚିକାନ୍ତ ମିଶ୍ର ପରିଚାଳନା କରିଥିଲେ। କ୍ରୀଡ଼ା ସଂସଦ ତରଫରୁ ସଭାପତି ଗଣେଶ ପଲାଇ, ସମ୍ପାଦକ ପ୍ରତାପ ତାଣ୍ଡି, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ସୁନିଲ ସାହୁ, ସନ୍ତୋଷ ପାଲ, ସୁଶାନ୍ତ ପାଣିଗ୍ରାହୀ, ସୁରେନ୍ଦ୍ର ବିଶ୍ୱାଳ, କ୍ରିକେଟ ସମ୍ପାଦକ ବିଘ୍ନେଶ୍ୱର ପାଣିଗ୍ରାହୀ, ଫୁଟବଲ ସମ୍ପାଦକ କ୍ଷୀରୋଦ ନାୟକ, ଜିଏନ୍ ମିଶ୍ର, ବେନୁଆ ସାଲେମ, ଶୁଦେଶ ନାଗ, ସତାନାମ ସିଂ, ଟିଟୁ ତାଣ୍ଡି ସହ ଟିମ୍ ଓନର ରବି ନାରାୟଣ ଅଗ୍ରୱାଲ ଓ ଉମାଶଙ୍କର ଗୌଡ଼ ଉପସ୍ଥିତ ଥିଲେ।




# ଶ୍ରୀଅରବିନ୍ଦ ସ୍କୁଲର ରୌପ୍ୟଜୟନ୍ତୀ



**ସମ୍ବଲପୁର, ୨୧।୧(ସମିସ)**:କାଇଁସିର ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ଦୁଇ ଦିନ ଧରି ସ୍କୁଲ ପରିସର ଭିତରେ ପାଳିତ ହୋଇଯାଇଛି। ମା ଶ୍ରୀ ଅରବିନ୍ଦଙ୍କ ଫୋଟୋ ତଥା ଚିତ୍ରକଳା ଓ ହସ୍ତକଳା ପ୍ରଦର୍ଶନୀ ଉଦ୍‌ଘାଟନ କରାଯାଇଥିଲା। ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଏସଡିଏ ଅଧକ୍ଷ ବିଜୟ କୁମାର ମହାନ୍ତି ଏବଂ ସମ୍ମାନୀୟ ଅତିଥି ଭାବରେ ସଂଜୀବ କୁମାର ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ମିନା ରାନୀ ମଙ୍ଗଳ, ଧନକଉଡା ବ୍ଲକ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର ସାହୁ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ ରେଙ୍ଗାଲି ବିଧାୟକ ନାଉରି ନାଏକ ମୁଖ୍ୟ ଅତିଥି ଓ ବିଇଡି ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷ ନିରୁପମା ବଡ଼ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାର୍ଷିକ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ପଟାନାଏକ, ସ୍କୁଲ କମିଟି ସଭାପତି ଯାମିନୀ କୁମାର ବହିଦାର, ସମ୍ପାଦକ ନରେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ। ସତ୍ୟଜିତ ପୁରୋହିତ ଏବଂ ବୀରେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସ୍କୁଲର ଶିକ୍ଷୟିତ୍ରୀ ରେଣୁକା ପ୍ରଧାନଙ୍କ ତତ୍ତ୍ୱବଧାନରେ ପୂର୍ବତନ ଛାତ୍ରଛାତ୍ରୀ ମୌସୁମୀ ମେହେର, ତାପସ ପ୍ରଧାନ, ଦୀପକ ବଡ଼େଇ ପ୍ରମୁଖ ସାସ୍କୃତିକ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍କୁଲ ଆରମ୍ଭ ବେଳେ ସହଯୋଗ କରିଥିବା ବ୍ୟକ୍ତି ବିଶେଷମାନଙ୍କୁ ସମ୍ମାନିତ କରାଯାଇଥିଲା।

# ସହରରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ସମ୍ବଲପୁର,୨୧।୧(ସମିସ)**: ସମ୍ବଲପୁର ସହର ରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଆଜି ରାତିରେ ଫ୍ଲାଗ୍ ମାର୍ଚ୍ଚ କରିଛି। ଧନୁପାଲି, ଟାଉନ ଓ କ୍ଷେତରାଜପୁର ଥାନା ଅଞ୍ଚଳରେ ଏହି ମାର୍ଚ୍ଚ କରାଯାଇଥିଲା। ମୁଖ୍ୟ ରାସ୍ତା ସହ ଗଳି ରାସ୍ତା ଗୁଡିକରେ ମଧ୍ୟ ସଶସ୍ତ୍ର ପୁଲିସ, ଏପିଆର, ଆଆରବି, ଓଏସଏପି ସୁରକ୍ଷାବଳର ଅଧିକାରୀ ଓ କର୍ମଚାରୀ ମାନେ ରହିଥିଲେ। ଅତିରିକ୍ତ ଏସପି ହରେଶ ପାଣ୍ଡେ, ଅତିରିକ୍ତ ଏସପି ଅଜୟ ମିଶ୍ର, ଅତିରିକ୍ତ ଏସପି ଆଲବିଶ କେରକେଟା, ସଦର ଏସଡିପିଓ ପ୍ରଦୀପ କୁମାର ସାହ, ଧନୁପାଲି ଥାନା ଅଧିକାରି ରଞ୍ଜନ ବିଶ୍ୱାଳ, ଟାଉନଥାନା ଅଧିକାରୀ ବୁଲୁ ସ୍ୱାଇଁଙ୍କ ସମେତ ୬ ପ୍ଲାଟୁନ ପୁଲିସ ମୁତାୟନ ରହିଥିଲେ। ଆସନ୍ତା କାଲି ଅଯୋଦ୍ଧା ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ହେବ। ଏଥିପାଇଁ ସମ୍ବଲପୁର ସହରରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶାନ୍ତି ଶୃଙ୍ଖଳା ସହ ପାଳନ ହେବ ସେ ନେଇ ପୁଲିସ ଏହି ପଦକ୍ଷେପ ନେଇଛି। ଅନ୍ୟପଟେ ଅପରାଧିକ କାର୍ଯ୍ୟ ଦମନ କରିବା ପାଇଁ ମଧ୍ୟ ପୁଲିସ ଅନେକ ସମୟରେ ମାର୍ଚ୍ଚ କରିଥାଏ।

# ଭିସୁଟ୍‌ରେ କୁଇଜିନଅକ୍ସିଅମ

**ବୁର୍ଲା, ୨୧।୧(ସମିସ)**: ଭିସୁଟ୍ ବୁର୍ଲାରେ 'କୁଇଜିନଅକ୍ସିଅମ' ନାମକ ଆନ୍ତଃବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସମ୍ବଲପୁର ଏବଂ ବୁର୍ଲାର ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଯୋଗଦାନ କରିଥିଲେ। ପ୍ରତିଯୋଗିତା ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ହୋଇଥିଲା ଏବଂ ପରେ ପୁରସ୍କାର ବିତରଣ ହୋଇଥିଲା। ଜୁନିୟର (ଷଷ୍ଠରୁ ଅଷ୍ଟମ ଶ୍ରେଣୀ) ଏବଂ ସିନିୟର(ନବମରୁ ଦ୍ୱାଦଶ ଶ୍ରେଣୀ) ରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟ, ଡିଏଭି ବୁର୍ଲା, ବିକାଶ, ସେଣ୍ଟଜନ ଭଳି ଅନେକ ଗୁଡିଏ ବିଦ୍ୟାଳୟ ଅଂଶଗ୍ରହଣ କରି ନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ। ଭିସୁଟ କର୍ତ୍ତୃପକ୍ଷରୁ ଡ. ତୃପ୍ତି ରଞ୍ଜନ ମହାପାତ୍ର ଓ ଡ. ପୂର୍ଣ୍ଣ୍ୟପ୍ରିୟା ମିଶ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଜୁନିୟରରେ କେନ୍ଦ୍ର ବିଦ୍ୟାଳୟ୨ର ପ୍ରଦୀପ କୁମାର ଓ ସୂର୍ଯ୍ୟ ଶୁଭମ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେଣ୍ଟ ଜୋସେଫ ସ୍କୁଲର ପୁନମ ପାଣ୍ଡା ଓ ଚାରିକା ନାୟର ଦ୍ୱିତୀୟ ଏବଂ ଡି.ଏ.ଭି ପବ୍ଲିକ ସ୍କୁଲ ବୁର୍ଲାର ସାଇ ପ୍ରସାଦ ଦୋରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସିନିୟର ବର୍ଗରେ କେନ୍ଦ୍ର ବିଦ୍ୟାଳୟ ୨ର ଶ୍ରୀୟାନ୍ସୁ ପଣ୍ଡା ଓ ପ୍ରିୟାଂଶ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଡି.ଏ.ଭି ପବ୍ଲିକ ସ୍କୁଲ ବୁର୍ଲାର ସିଦ୍ଧେଶ ମହାପାତ୍ର ଓ ସ୍ୱାସ୍ତିକ ସାହୁ ଦ୍ୱିତୀୟ ଏବଂ ସେଣ୍ଟ ଜୋସେଫର ଶ୍ରେୟାସ ମାଝି ଓ ଆର୍ଯ୍ୟନ୍ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଜୁନିୟରରେ ପ୍ରଦୀପ ଓ ସୂର୍ଯ୍ୟ ପ୍ରଥମ
## ସିନିୟରରେ ଶ୍ରୀୟାଂସୁ ଓ ପ୍ରିୟାଂଶ ପ୍ରଥମ



# ସମ୍ବଲପୁର ଟାଉନ ହାଇସ୍କୁଲରେ ଭାଷା-ସାହିତ୍ୟ-ସୃଜନଶୀଳତା ଉତ୍ସବ

**ସମ୍ବଲପୁର, ୨୧।୧(ସମିସ)**: ନୃସିଂହଗୁରୁ ଟାଉନ ଉଚ୍ଚ ବିଦ୍ୟାଳୟରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟ ପୁରାତନ ଛାତ୍ରସଂସଦର ସଭାପତି ଡ. ପରେଶ ଚନ୍ଦ୍ରଦାନୀ ମୁଖ୍ୟ ଅତିଥି, ଯୁଗ୍ମ ସଂପାଦକ ଗୋରେଖଲାଲ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବର୍ଦ୍ଧନ ସ୍ୱାଇଁ, ପୂର୍ବତନ ଶିକ୍ଷକ ବିଶ୍ୱନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ବଲ୍ଲଭ ମେହେର ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ମୀନା କୁମାରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହାପରେ ଅତିଥିମାନେ ସାହିତ୍ୟସୃଜନୀ, ମୋ କଥା ମୋ କାହାଣୀ, ଜିଜ୍ଞାସ, କୌଶଳୀ ଏବଂ କ୍ରୀଡାଙ୍ଗନା କ୍ଲବର ବିଭିନ୍ନ କାର୍ଯ୍ୟକ୍ରମକୁ ବୁଲି ଦେଖିଥିଲେ। ପରେ ଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ରଙ୍କୁ ଶେଷରେ ପୁରସ୍କୃତ କରାଯାଇଥିଲା। ସୋମନାଥ ଦାସ, ତେଜସ ସା, ସୁମିତି ମେହେର, ବିଷ୍ଣୁ ପ୍ରସାଦ ତରିଆ, ନିହାଲ ସିଂ, ଅବିନାଶ ମେହେର, ଆଦର୍ଶ ମେହେର, ହରିଓମ ରାଉତ, ଅଂଶୁ ପାଣ୍ଡେ, ହରିଶ କୁମ୍ଭାର, ପ୍ରତ୍ୟୁଷ ତଣ୍ଡକାର ପ୍ରମୁଖ ଛାତ୍ର ପୁରସ୍କାର ଅତିଥିଙ୍କଠାରୁ ଗ୍ରହଣ କରିଥିଲେ।

## ସମ୍ବଲପୁରରେ ଲୁଟେରାଙ୍କ ଆତଙ୍କ

# ମହିଳାଙ୍କଠୁ ଝାମ୍ପିଲେ ସୁନାଚେନ

**ସମ୍ବଲପୁର, ୨୧।୧(ସମିସ)**: ସମ୍ବଲପୁର ସହରରେ ପୁଲିସ ଯେତେ ସକ୍ରିୟ ହେଲେବି ଚୋର, ଲୁଟେରାଙ୍କୁ କାବୁ କରିପାରୁ ନାହିଁ। ଦିନରାତି ପାଟ୍ରୋଲିଂ କରିଲେ ମଧ୍ୟ ଚୋରମାନେ ପୁଲିସକୁ ଚକ୍‌ମା ଦେଇ ଦିନଦ୍ୱିପହରରେ ଚୋରି ଓ ଲୁଟ୍ କରିବାରେ ସଫଳ ହେଉଛନ୍ତି। ଆଜି ମୁଦିପଡ଼ା ପାଣି ଟାଙ୍କି ସ୍ଥିତ ରାସ୍ତା ଉପରୁ ମହିଳାଙ୍କୁ ଆକ୍ରମଣ କରି ଦୁଇଜଣ ଦୁର୍ବୃତ୍ତ ସୁନା ଚେନ ଛଡ଼ାଇ ନେଇଛନ୍ତି। ମହିଳା ଜଣକ ହେଉଛନ୍ତି ନିରୂପମା ପଣ୍ଡା। ସୂଚନାଯୋଗ୍ୟ, ସେ ଝାଡୁଆପଡ଼ା ଆରଣ୍ୟକ ମଣ୍ଡପରୁ ଏକ ବାହାଘର କାର୍ଯ୍ୟକ୍ରମରୁ ଫେରୁଥିଲେ। ଏକ ସ୍କୁଟିରେ ଦୁଇଜଣ ଫେରୁଥିଲେ। ହେଲେ ଦୁଇ ଜଣ ଦୁର୍ବୃତ୍ତ ବାଇକରେ ନିରୂପମାଙ୍କ ସ୍କୁଟିକୁ ଦୂରରୁ ଅନୁସରଣ କରୁଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୫ଟା ବେଳେ ପାଣି ଟାଙ୍କି ପାଖରେ ନିରୂପମା ସ୍କୁଟିର ପଛରେ ବସିଥିବା ବେଳେ ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ବେକରୁ ଚେନ୍‌ଟିକୁ ଝାମ୍ପି ନେଇ ପଳାଇ ଯାଇଥିଲେ।



# ସହର ସଫେଇ ପାଇଁ ଅତ୍ୟାଧୁନିକ ଗାଡ଼ି

**ସମ୍ବଲପୁର, ୨୧।୧(ସମିସ)**: ସମ୍ବଲପୁର ମହାନଗର ନିଗମ ଅଧିନରେ ସଫେଇ କାର୍ଯ୍ୟ ପାଇଁ ସମସ୍ୟା ଦେଖାଦେଉଥିଲା। ଡ୍ରେନ, ଗଳି ଗୁଡ଼ିକ ସଫେଇ ହେଉଥିବା



ବେଳେ ପ୍ରମୁଖ ରାସ୍ତା ଗୁଡ଼ିକ ସଫେଇ କରିବାରେ କର୍ମଚାରୀ ମାନଙ୍କୁ ସମସ୍ୟା ହେଉଥିଲା। ଏହି ସମସ୍ୟାକୁ ଦୂର କରିବାକୁ ଏସ୍‌ଏମ୍‌ସି ପ୍ରୟାସ ଆରମ୍ଭ କରିଛି। ରାସ୍ତା ସଫେଇ ପାଇଁ ଏକ ବଡ଼ ମେସିନ କିଣିବାକୁ ପକ୍ରିୟା ଆରମ୍ଭ କରିଛି। ରାଉରକେଲା ମହାନଗର ନିଗମରୁ ଏକ ସଫେଇ ଗାଡ଼ି ଆଣି ପରୀକ୍ଷାମୂଳକ ଭାବେ ରାସ୍ତା ସଫା କରାଯାଇଛି। ଦିନ ବେଳେ ଟ୍ରାଫିସ ସମସ୍ୟା ହେଉଥିବାରୁ ଗତକାଲି ବିଳମ୍ବିତ ରାତିରେ ସଫେଇ କରାଯାଇଥିଲା। ଭୂତାପଡ଼ା ଛକ ନିକଟରେ ସଫେଇ କରାଯାଇଥିଲା। ନିୟମିତ ସଫେଇ କାର୍ଯ୍ୟ ମେସିନ ଦ୍ୱାରା କରାଗଲେ ନିଶ୍ଚିତ ଭାବେ ସହର ସଫାସୁତୁରା ରହିବା ସହ ହେଉଥିବା ଶ୍ରମିକ ସମସ୍ୟ ରହିବ ନାହିଁ। ଖର୍ଚ୍ଚ କମିଯିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ, ଏସ୍‌ଏମ୍‌ସି ଶ୍ରମିକ ଓ ସଫେଇ କର୍ମଚାରୀ ମାନେ ବିଭିନ୍ନ ସମସ୍ୟା ନେଇ ଦାବି କରି ଆସୁଥିଲେ। ସଫେଇ କାମରେ ମେସିନର ବ୍ୟବହାର, ଗାଡ଼ି ଚାଳକ ଓ ସହାୟକମାନଙ୍କ ସମେତ କାର୍ଯ୍ୟରତ ମହିଳାମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି। ବିଧିବଦ୍ଧ ଭାବରେ ନିଯୁକ୍ତି ପତ୍ର ପ୍ରଦାନ, ପରିଚୟ ପତ୍ର ପ୍ରଦାନ, ବୀମା, ଗାଡ଼ି ଗୁଡିକର ମେକାନିକ ନିଯୁକ୍ତି, ଏସ୍‌ଓପି ବିଷୟରେ ସୂଚନା, ଚିକିତ୍ସା ସୁବିଧା, ଗାଡ଼ି ଖରାପ ହେଲେ ଅଳିଆ ବାଛିବାକୁ ବାଧ୍ୟ କରା ନ ଯିବା, କାମ ସମୟରେ ଗାଡି ଖରାପ ହେଲେ ମେକାନିକ ଘଟଣାସ୍ଥଳକୁ ଯିବା, କର୍ମ କ୍ଷେତ୍ରରେ କୌଣସି ଅସୁବିଧା ହେଲେ ନିଗମର ଅଧିକାରୀ ତାହାର ସମାଧାନ କରିବା ଆଦି ଦାବି ରହିଥିଲା।

## ଖାଲଖମା ରାସ୍ତାରେ କିଭଳି ଚାଲିବ ଗାଡ଼ି

**ସମ୍ବଲପୁର,୨୧।୧(ସମିସ)**: ସମ୍ବଲପୁର ମହାନଗର ନିଗମର ମୁଖ୍ୟ ରାସ୍ତା ହେଉକି ଗଳି ରାସ୍ତା। ସବୁଠାରେ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାଘାଟ ନୂତନ ନିର୍ମାଣ କିମ୍ବା ମରାମତି କରାଯାଉ ନାହିଁ। ଦିନତମାମ ଧୂଳି ଗୁଣ୍ଡ ଉଡ଼ି ପ୍ରଦୂଷିତ ହେଉଛି ସହର। ଏଭଳି ରାସ୍ତାରେ ମେସିନ ଦ୍ୱାରା ସଫା କରିବା କଷ୍ଟକର। ଗତକାଲି ରାତିରେ ସଫେଇ କରୁଥିବା ସମୟରେ ମଧ୍ୟ ସମସ୍ୟା ଦେଖାଦେଇଥିଲା।

## ସମସ୍ୟା ଘେରରେ ବାହାଲପଡ଼ା

# ଅଭିଯୋଗ ସତ୍ତ୍ୱେ ଫଳ ଶୂନ୍

**ସମ୍ବଲପୁର, ୨୧।୧(ସମିସ)**: ମହାନଗର ନିଗମ ଏନଗୁହା ଲାଇନରେ ଥିବା ବାହାଲପଡ଼ାବାସୀ ସମସ୍ୟା ଘେରରେ ରହିଛନ୍ତି। ଯେଉଁ ପଡ଼ାବାସୀଙ୍କ ଫଳ, ଫୁଲ, ଶାଗ, ପରିବା ମୁଖ୍ୟ ବେଉସା ଥିଲା ତାହା ଆଜି ପ୍ରାୟ ଲୁପ୍ତ ହେବାକୁ ବସିଲାଣି। ବେଉଷଣ ଜମିରେ ନର୍ଦ୍ଦମା ପାଣି ଜମିରହିବା ଫଳରେ ବାହାଲପଡ଼ା ହରାଇ ବସିଲେଣି ନିଜର ମୁଖ୍ୟ ବ୍ୟବସାୟ। ଏହାକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଚିନ୍ତା ପ୍ରକଟ କରିଛନ୍ତି। ଏ ନେଇ ହାରିଗୁହାରୀ କଲେ ମଧ୍ୟ ପ୍ରଶାସନିକ ଅଧିକାରୀ ମାନେ ଶୁଣୁ ନଥିବାରୁ ଶେଷରେ ୫ଟି ଅଧକ୍ଷଙ୍କ ଜନଶୁଣାନି ଯାଏ ଅଭିଯୋଗ ପହଞ୍ଚିଛି। ସିଦ୍ଧେଶ୍ୱର ମନ୍ଦିର ନାଳା ଦେଇ ଫାଟକର ନର୍ଦ୍ଦମା ପାଣି ଏମାନଙ୍କ ପାଇଁ କାଳ ସାଜିଛି। ପୁଣି ଏନଗୁହା ଗଳିରେ ଥିବା ୬ ମହଲା କୋଠାର ଦୂଷିତ ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ଫଳରେ ଏନଗୁହା ଲାଇନରୁ ଉତ୍ତର ଦିଗକୁ ଯାଇଥିବା ମାତାମଠ ଗଳି ଓ ସିଦ୍ଧେଶ୍ୱର ମନ୍ଦିର ଅଞ୍ଚଳ ବେହାଲ ହୋଇପଡ଼ିଛି। ପୁଣି ଏହି ରାସ୍ତାରେ ତଳିଆ ଓ ଅଣଓସାରିଆ ହୋଇଥିବାରୁ ଅନେକ ଘରକୁ ପ୍ରବେଶ କରୁଛି ନର୍ଦ୍ଦମା ପାଣି। ମହାନଗର ନିଗମକୁ ଅନେକ ଥର କହିବା ଓ ଅଭିଯୋଗ କଲା ସତ୍ତ୍ୱେ ମଧ୍ୟ ଡ୍ରେନେଜ୍ ବ୍ୟବସ୍ଥାରେ କୌଣସି ସୁଧାର ଆସୁନି। ପୁଣି ଏଠାରେ ଥିବା ଏକ ଗଛତଳେ ପ୍ରତିଦିନ ମଦ, ଜୁଆ, ସଟ୍ଟା ଓ ତାସ ଖେଳର ଆ‡। ଜମୁଥିଲେ ବି ଯେତେ ହାରିଗୁହାରି କଲାପରେ ବି ପ୍ରଶାସନ ନାଁ ପୁଲିସ କେହି ଶୁଣୁ ନଥିବା ପଡ଼ାବାସୀ ଅସନ୍ତୋଷ ପ୍ରକାଶ କରି କହିଛନ୍ତି। ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ମହାନଗର ନିଗମ କମିଶନର, ଅତିରିକ୍ତ କମିଶନରଙ୍କ ଠାରେ ପଡ଼ାବାସୀ ଅନେକ ଥର ଏସବୁ ସମସ୍ୟାର ସମାଧାନ ନେଇ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ବାହାଲପଡ଼ାର ଏ ବେହାଲ ଅବସ୍ଥାକୁ ଦେଖିବାକୁ କାହାର ବି ଆଖି ନପାଇବା ବଡ଼ ଦୁଃଖର ବିଷୟ ବୋଲି ସଚେତନ ନାଗରୀକ ମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଏପରିକି ୫-ଟି ଅଧକ୍ଷଙ୍କ ଜନଶୁଣାଣିରେ ମଧ୍ୟ ଅଭିଯୋଗ ଦିଆଯାଇଥିଲା।



## ବିଚ୍‌ରାସ୍ତାରେ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ

**ସମ୍ବଲପୁର, ୨୧।୧(ସମିସ)**: ଅଇଁଠାପାଲିସ୍ଥିତ ଏକ ମଦ ଦୋକାନ ଆଗରେ ନିଶାସକ୍ତ ଅବସ୍ଥାରେ ଏକ ଯୁବକ ଉନ୍ମତ୍ତ କାଣ୍ଡ ଘଟାଇଛି। ଫୁଲ୍ ନିଶାରେ ରହି ରାସ୍ତା ଉପରେ ହୋହାଲ୍ଲା କରିଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଯୁବକକୁ କାବୁ କରିଥିଲା।

## ସମ୍ବଲପୁର ପୁସ୍ତକମେଳା

# 'ଆମ ଭାଷା, ସାହିତ୍ୟକୁ ସମୃଦ୍ଧ କରିବ'

**ସମ୍ବଲପୁର, ୨୧।୧(ସମିସ)**

ରଙ୍ଗବତୀ ଗୀତ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ବୈଭବ ତଥା ଅସ୍ମିତାର ପ୍ରତୀକ। ରଙ୍ଗବତୀ ମୌଳିକ ସଂସ୍କାରର ସାମୁହିକ ପ୍ରତିଫଳନ। ଆଇଆଇଏମ୍ ସମ୍ବଲପୁରରେ ଆଜି ସ୍ଥାପିତ ରଙ୍ଗବତୀ ଉତ୍କର୍ଷ କେନ୍ଦ୍ର ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ଇତିହାସ ଉପରେ ଗବେଷଣା କରିବ ବୋଲି ରବିବାର ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ, ନ୍ୟାସନାଲ ବୁକ୍ ଟ୍ରଷ୍ଟ ଏବଂ ସେତୁର ମିଳିତ ସହଭାଗିତାରେ ଆୟୋଜିତ ୨୪ତମ ସମ୍ବଲପୁର ପୁସ୍ତକ ମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ସମ୍ବଲପୁରୀ ପଢ଼ା, ଲେଖା ଓ ଅଭିବ୍ୟକ୍ତିର ଗୋଟିଏ ମହାନ ପରମ୍ପରା। ସମ୍ବଲପୁର ଅନେକ ଇତିହାସ ରଚନା କରିଛି। ସଂସ୍କୃତି ତିଆରି କରିଛି। ଅଞ୍ଚଳର ନାଚ, ଗୀତ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଛି। ବାମଣ୍ଡାରାଜା ସାର୍ ବାସୁଦେବ ସୁଜଳଦେବ, ସ୍ୱଭାବ କବି ଗଙ୍ଗାଧର ମେହେର, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ, ପଦ୍ମଶ୍ରୀ ହଳଧର ନାଗ ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଉଦ୍‌ବୁଦ୍ଧ କରିଛନ୍ତି। ରଙ୍ଗବତୀର ଗାୟିକା କ୍ରିଷ୍ଣା ପଟେଲ, ଗାୟକ ଜିତେନ୍ଦ୍ର ହରିପାଲ ଏବଂ ଗୀତିକାର ମିତ୍ରଭାନୁ ଗଉନ୍ତିଆ ବିଭିନ୍ନ ସମୟରେ ସଂସ୍କୃତିକୁ ଲୋକଙ୍କ ପାଖରେ ପହଞ୍ଚାଇବା ଆବଶ୍ୟକତା ପୂରଣ କରିଛନ୍ତି। ସଂଗ୍ରାମୀଙ୍କ ଉପରେ ଉଚ୍ଚକୋଟୀର ଗବେଷଣା କରିବ। ୯ଦିନିଆ ପୁସ୍ତକ ମେଳାର ଆୟୋଜନ ହେବା ପ୍ରଶଂସନୀୟ। ଭୁବନେଶ୍ୱର, କଟକ ସମେତ ଦିଲ୍ଲୀ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରକାଶକମାନେ ଏଠାରେ ୧୨୫ରୁ ଊର୍ଦ୍ଧ୍ୱ ଷ୍ଟଲ୍ ଖୋଲିଛନ୍ତି। ତେବେ ଏହା କେବଳ ଏକ ପୁସ୍ତକ ମେଳା ନୁହେଁ, ଏକ ପୁସ୍ତକ ମହୋତ୍ସବ ମଧ୍ୟ। ଆଜିର ପୁସ୍ତକ ମେଳା ଆମ ଭାଷାକୁ ସମୃଦ୍ଧ କରିବାରେ ସହାୟକ ହେବ। ଏହି ପୁସ୍ତକ ମେଳା ଆସନ୍ତା ବର୍ଷ ଯେତେବେଳେ ନିଜର ରୌପ୍ୟ ଜୟନ୍ତୀ ପାଳନ କରିବ ସେତେବେଳେ ଜାତୀୟ ସ୍ତରରେ ଆଲୋଡନ ସୃଷ୍ଟି କରିବ। ତେଣୁ ଏହାକୁ କେବଳ ବୌଦ୍ଧିକ ଆଦାନ ପ୍ରଦାନରେ ନରଖି ପୁସ୍ତକ ମେଳାକୁ ଲୋକ ଉତ୍ସବରେ ପରିଣତ କରିବ। ଏହି ପୁସ୍ତକ ମେଳା ସେ କଥାକୁ ଉଜାଗର କରିବାରେ ସହାୟକ ହେବ। ଏ ଅବସରରେ ଏକ ପୁସ୍ତକ ରଥ (ବୁକ୍ସ ଅନ୍ ହ୍ୱିଲ୍)ର ଶୁଭାରମ୍ଭ ହେବା ନେଇ ସୂଚନା ଦେଇଥିଲେ। ମହାନଦୀ ପୁସ୍ତକ ପରିକ୍ରମା ରଥ ନାଆଁରେ ଏହି ବସଟି ସମ୍ବଲପୁରର ଗାଁ ଗାଁକୁ ଯିବ ଏବଂ ଓଡ଼ିଆ ଭାଷାର ପୁସ୍ତକ ସବୁ ସୁଲଭ ମୂଲ୍ୟରେ ପାଠକ ପାଠିକାଙ୍କୁ ଯୋଗାଇଦେବ। ପୁସ୍ତକ ଉପରେ ସଚେତନତା ତିଆରି କରିବ। ସମସ୍ତଙ୍କ ହାତପାହାନ୍ତାରେ ପୁସ୍ତକ ଉପଲବ୍ଧ କରିବା, ଏହି ପରିକ୍ରମା ରଥର ଲକ୍ଷ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ନାଉରୀ ନାଏକ, ଦେବଗଡ଼ ବିଧାୟକ ସୁବାଶ ପାଣିଗ୍ରାହୀ, ଏନଏସଡିସି ସିଇଓ ଭେଦମନି ତିୱାରୀ, କର୍ଣ୍ଣେଲ ଯୁବରାଜ ମଲ୍ଲିକ, ସେତୁର ମୀନକେତନ ପାଠୀ, ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ସେତୁର ସୁକାନ୍ତ କର ଅତିଥିଙ୍କୁ ସ୍ୱାଗତ କରିଥିଲେ।









## ଯମୁନା ନଦୀରେ ରାଧାକୃଷ୍ଣଙ୍କ ନାବକେଳି

**ବରଗଡ଼, ୨୧।୧(ସମିସ):** ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ସପ୍ତମ ଦିବସରେ ଯମୁନା ନଦୀରେ ରାଧାକୃଷ୍ଣ ଦୃଶ୍ୟ ଅଭିନୀତ ହୋଇଥିଲା। ମନାବନ୍ଧଠାରେ ରାଧାକୃଷ୍ଣଙ୍କ ନାବକେଳି ଦୃଶ୍ୟ ଦର୍ଶକମାନଙ୍କୁ ଦ୍ୱାପର ଯୁଗର ପ୍ରେମକାହାଣୀ



ମନେ ପକାଇ ଦେଇଥିଲା। କୃଷ୍ଣ ପ୍ରେମରେ କୃଷ୍ଣମୟ ହୋଇପଡ଼ିଥିବା ସମୟରେ ରାଧାକୃଷ୍ଣଙ୍କୁ ଘରେ ଘରେ ପାଦ ପ୍ରକ୍ଷାଳନ କରି ପୂଜା କରାଯାଇଥିଲା। ପ୍ରତିଦିନ ଯମୁନା ନଦୀ ପାରି ହୋଇ ମଥୁରା ନଗରୀକୁ ଦଧି ବିକ୍ରି କରିବାକୁ ଯାଉଛନ୍ତି ଗୋପାଙ୍ଗନାମାନେ। ଏ ସମୟରେ ରାଧା ସମେତ ଗୋପାଙ୍ଗନା ମାନଙ୍କୁ ଭଗବାନ ଶ୍ରୀକୃଷ୍ଣ ନାଉରିଆ ବେଶରେ ଯମୁନା ନଦୀ ପାରି କରାଇଛନ୍ତି ଏବଂ ରାଧାକୃଷ୍ଣଙ୍କୁ ନେଇ ଗୋପପୁର ଅନୁଷ୍ଠିତ ହୋଇଥିଲା ନାବକେଳି। ଯାହାକି ଦ୍ୱାପର ଯୁଗର କୃଷ୍ଣ ଲୀଳାକୁ ମନେ ପକାଇଦେଉଥିବାବେଳେ ହୃଦୟକୁ ବେଶ ଛୁଇଁ ପାରିଛି ଆଜିର ରାଧାକୃଷ୍ଣଙ୍କ ଯୁଗଳ ଦର୍ଶନ। ତା ସହିତ ଭକ୍ତମାନେ ଦ୍ୱାପର ଯୁଗର କୃଷ୍ଣଲୀଳା ପରି ପ୍ରତ୍ୟେକ୍ଷ ଅନୁଭବ କରିବା ପରି ମନେ ହୋଇଥିଲା ନାବକେଳିରେ।










## ଧନୁଯାତ୍ରାର ସପ୍ତମ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ବରଗଡ଼, ୨୧।୧(ସମିସ):** ଧନୁଯାତ୍ରାର ସପ୍ତମ ଦିବସରେ ରାଜଦରବାର ଏବଂ ରଙ୍ଗ-ମହଲରେ ରୋଜ ଟ୍ରି ଇନଷ୍ଟିଚ୍ୟୁସନ କଟକ, ଅଭିନ୍ନ ନୃତ୍ୟାନୁଷ୍ଠାନ ଭୁବନେଶ୍ୱର, ସାତକୁଆଁରୀ ପାଟଣାଗଡ଼, ଡାଲଖାଇ କଳାପରିଷଦ ଟିଟିଲାଗଡ଼, ନଟରାଜ ଭବାନୀପାଟଣା, ପଞ୍ଜାବୀ ଫୋକ ଆର୍ଟ ସେଣ୍ଟର ଗୁରଦାସପୁର, ବ୍ରହ୍ମକୁମାର ଏବଂ ଦଳ ସୋନପୁର, ସମ୍ବଲପୁରୀ ସାଂସ୍କୃତିକ ଅନୁଷ୍ଠାନ ସମ୍ବଲପୁର, ପ୍ରୀତି ଏବଂ ଦଳ ପଞ୍ଜାବ, ଶଙ୍କର ବର୍ମନ କୋଲକତା, ପାୟଲ ଡ୍ୟାନ୍ସ ଗ୍ରୁପ କୋଲକତା, ଧର୍ମପୁତ୍ର କଳାମଞ୍ଚ ହରିୟାଣା କଳାକାରମାନେ ନୃତ୍ୟଗୀତ ସହ ବିନ୍ଧୁ, ତୁଳାରାମ ଙ୍କ କମେଡି ସୋ ପରିବେଷିତ ହୋଇଥିଲା। ସେହିପରି ଗୋପପୁରରେ ସଞ୍ଚାର, ଓଡିଶୀ ସହ ବାରପାହାଡ କଳାପରିଷଦ କନକବିରାର କଳାକାରମାନଙ୍କ ଦ୍ୱାରା ନୃତ୍ୟଗୀତ ଏବଂ ଦୁଖୀଶ୍ୟାମ ତ୍ରିପାଠୀଙ୍କ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଧନୁଯାତ୍ରାର ଅଷ୍ଟମ ଦିନ ସୋମବାର କଂସଙ୍କ ନଗର ଭ୍ରମଣ, ଦିଗବିଜୟରେ ବାହାରି ଇନ୍ଦ୍ର ସହିତ ଯୁଦ୍ଧ ଓ ବନ୍ଦୀ, କଂସଙ୍କ ଚିଟାଉ ନେଇ ଅକ୍ରୁରଙ୍କ ଗୋପପୁର ଗମନ ଓ ଗୋପପୁରରେ ଅକ୍ରୁରଙ୍କ ପ୍ରବେଶ ସହ ଯମୁନା ନଦୀରେ କୃଷ୍ଣ ପାଦ ଦର୍ଶନ, କୃଷ୍ଣବଳରାମ ଗୋପାଳ ବାଳକଙ୍କ ସହ ଗୋଚାରଣ ସହିତ ଶଙ୍ଖଚୂଡକୁ ବଧ କରି ଶଙ୍ଖ ମଣୀ ଉଦ୍ଧାର, ଗୋପପୁରର ଆମ୍ରବନରେ ଅକ୍ରୁରଙ୍କ କୃଷ୍ଣବଳରାମଙ୍କ ସାକ୍ଷାତ ଏବଂ ଧନୁଯାତ୍ରା ଦେଖିଯିବାପାଇଁ ନନ୍ଦାରାଜାଙ୍କୁ କଂସଙ୍କ ଚିଟାଉ ହସ୍ତାନ୍ତର ଦୃଶ୍ୟ ଅଭିନୀତ ହେବ।





# ମଧୁପୁରେ ଦୁର୍ମିଳାସୃତ କଂସଙ୍କ ଧନୁ ଉତ୍ସବ କାହିଁକି ?

ବରଗଡ଼, ୨୧।୧(ସମିସ)

ମହାରାଜା କଂସଙ୍କ ଆୟୋଜନ କରୁଛନ୍ତି ଛଳନାର ଯାତ୍ରା ଧନୁଯାତ୍ରା। ଆଉ ସେହି ଧନୁଯାତ୍ରାରେ କୃଷ୍ଣବଳରାମ ବେନୀଭାଇଙ୍କୁ ନିମନ୍ତ୍ରଣ କରି ହତ୍ୟା କରିବ ଅତ୍ୟାଚାରୀ କଂସ। ହେଲେ ମଧୁପୁରେ ଦୁର୍ମିଳାସୃତ କଂସଙ୍କ ଏ ଧନୁ ଉତ୍ସବ କାହିଁକି ? କଣ କଂସ ଭଗବାନଙ୍କ ହାତରେ ନିଜର ମୋକ୍ଷପ୍ରାପ୍ତି ପାଇଁ ଆୟୋଜନ କରୁନାହିଁ କି ଏ ଧନୁ ଉତ୍ସବ? କଣ ପାଇଁ ଏ ଧନୁ ଉତ୍ସବ ବା ଧନୁଯାତ୍ରା ?

ପୌରାଣିକ କଥାବସ୍ତୁ ଉପରେ ଆଧାରିତ ବରଗଡ଼ ଧନୁଯାତ୍ରା। ହେଲେ ଏ ଧନୁଯାତ୍ରାକୁ କଂସାସୁର ଆୟୋଜନ କରି ନିଜ ମୃତ୍ୟୁ ଡାକି ଆଣେ କାହିଁକି?

*'କଂସ ଜାଣଇ ଯୋଗବଳେ,*
*ଜନ୍ମ ମୁଁ ଦାନବର କୂଳେ,*
*ଅନେକ ବାର ମୋତେ ମାରି,*
*ମୋକ୍ଷ ନ ଦେଲେ ନରହରି,*
*ଏବେ ମାରିବ ହରି ମୋତେ,*
*ମୋ ଭାଗ୍ୟ କରିବ କେ ଅନ୍ତେ।'*

ନିଜକୁ ସର୍ବଶକ୍ତିମାନ ବୋଲି କହୁଥିବା ପ୍ରବଳ ପ୍ରତାପୀ ବୀର କଂସାସୁର କାହିଁକି ଧନୁଯାତ୍ରାର ଆୟୋଜନ କରିଥିଲେ ତାକୁ ନେଇ ପୁରାଣ ପୃଷ୍ଠାରେ ଦେଖିବାକୁ ମିଳେ ଏକ ସୁନ୍ଦର କଥାବସ୍ତୁ। ପୁରାଣ ଯୁଗରେ ଜଣେ ସିଦ୍ଧମୁନି ଅଷ୍ଟବକ୍ର ନିଜ ଆଶ୍ରମରେ ରହୁଥିବା ସମୟରେ ଦେବରାଜ ଇନ୍ଦ୍ରଙ୍କ ପୁତ୍ର ପର୍ଣ୍ଣଗ ଘଞ୍ଚକାନନର ଋଷି ଆଶ୍ରମକୁ ପହଞ୍ଚି ମୁନି ଅଷ୍ଟବକ୍ରଙ୍କୁ ଅପମାନିତ କରିଥିଲା। ପର୍ଣ୍ଣଗଙ୍କ ଏପରି ଆଚରଣରେ ଋଷି ଅଷ୍ଟବକ୍ର ଅଭିଶାପ ଦେଇ ତାକୁ ବାଉଁଶ ରୂପେ ପରିଣତ ହେବାକୁ କହିଥିଲେ। ତତ୍କ୍ଷଣାତ ନିଜର ଭୁଲ ବୁଝି ପାରି ପର୍ଣ୍ଣଗ ଅଷ୍ଟବକ୍ରଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ମାତ୍ର ଋଷିବାକ୍ୟ ଯେ ଅନ୍ୟଥା ହୁଏ ନାହିଁ ଏଣୁ ସେହି ସମୟରୁ ପର୍ଣ୍ଣଗ ବାଉଁଶରେ ପରିଣତ ହୋଇ ଜଙ୍ଗଲ ଭିତରେ ଅଚଳ ଅଟଳ ହୋଇ ରହିଯାଇଥିଲେ। ଏପରି ଏକ ଘଟଣାକ୍ରମରେ ଦିନେ ମହାରାଜା ଯଯାତି ମୃଗୟା ଉଦ୍ଦେଶ୍ୟରେ ଯାଇ ଉକ୍ତ ବାଉଁଶ ନିକଟରେ ପହଞ୍ଚିଥିଲେ। ଏହି ଅଭିଶପ୍ତ ବାଉଁଶକୁ ହାଣି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ସେଥିରେ ଦୁଇ ଗୋଟି ଧନୁ ତିଆରି କରିଥିଲେ। ତନ୍ମଧ୍ୟରୁ ଗୋଟିଏ ଧନୁକୁ ମହାରାଜ ମନୁଙ୍କୁ ଅର୍ପଣ କରିଥିଲେ। ଏହା ପରେ ଉକ୍ତ ଧନୁଟି ବିଭିନ୍ନ ସମୟରେ ରାଜା ଇକ୍ଷ୍ୱାକୁ, ଯମଦଗ୍ନୀ ଋଷି ଏବଂ ପରିଶେଷରେ ମହାରାଜା ଉଗ୍ରସେନଙ୍କ ତତ୍ତ୍ୱାବଧାନରେ ରହିଆସିଥିଲା। କିନ୍ତୁ ମହାରାଜା ଉଗ୍ରସେନଙ୍କୁ ଗାଦିଚ୍ୟୁତ ପରେ ମଥୁରାର ରାଜ ସିଂହାସନକୁ ଦୁର୍ମିଳାସୁର ଅଂଶରେ ଇନ୍ଦୁମତୀଙ୍କ ଗର୍ଭରୁ ଜାତ କଂସାସୁର ଅକ୍ତିଆର କରିନେଇଛି। ଉଗ୍ରସେନଙ୍କଠାରେ ରହିଥିବା ସେହି ଅମୂଲ୍ୟ ଧନୁଟି ମଧ୍ୟ କଂସର ଅଧୀନକୁ ଚାଲିଯାଇଛି। ଯେହେତୁ କଂସ ଏକ ରାକ୍ଷସ ଅଂଶରୁ ଜାତ ହୋଇଥିଲା ଆରମ୍ଭରୁ ସେ ଥିଲା ଦେବଦେବ ମହାଦେବଙ୍କ ପରମଭକ୍ତ। ସେଥିପାଇଁ ମଥୁରାର ଚାରିଦିଗରେ ଶ୍ୱେତେଶ୍ୱର, ଚେତେଶ୍ୱର, କାଳେଶ୍ୱର ଏବଂ ବିଶ୍ୱେଶ୍ୱର ନାମରେ ଭଗବାନ ଶିବଙ୍କୁ ଆରାଧନା କରୁଥିଲା। ଭଗବାନ ଶିବଙ୍କୁ ନିଜର ତପସ୍ୟାରେ ସନ୍ତୁଷ୍ଟ କରି ଅମର ହେବା ପାଇଁ ବର ମାଗିଥିଲେ ମହାରାଜା କଂସ। କିନ୍ତୁ ଅମରତ୍ୱ ଦେବା ଅସମ୍ଭବ ବୋଲି ଶିବ ପ୍ରକାଶ କରିବାରୁ ମୃତ୍ୟୁ ଭେଦର ରହସ୍ୟ ଜାଣିବା ପାଇଁ ସେ ତାଙ୍କ ଆଗରେ ନିବେଦନ କରିଥିଲେ। ମୃତ୍ୟୁ ଭେଦର ରହସ୍ୟ କହିବାକୁ ଯାଇ ଭଗବାନ ଶିବ ନିଜ ପାଖରେ ରଖିଥିବା ସେହି ଧନୁକୁ ଉଠାଇ ଯିଏ ନିଜ ଆଡକୁ ଆକର୍ଷଣ କରିପାରିବ ତାରି ହାତରେ ତୋର ମୃତ୍ୟୁ ହେବ ବୋଲି କହିଥିଲେ। ଶିବଭକ୍ତ କଂସ ନିଜର ତପସ୍ୟା ବଳରେ ଭଲଭାବେ ଜାଣିଥିଲା ଯେ ଏହି ଧନୁକୁ ଭଗବାନ ବିଷ୍ଣୁ ହିଁ କେବଳ ଆକର୍ଷଣ କରିପାରିବେ। ତେଣୁ ଶ୍ରୀକୃଷ୍ଣଙ୍କ ପ୍ରତି ବୈରୀଭାବ ଭକ୍ତି ପ୍ରଦର୍ଶନ କରି ପ୍ରଥମେ ନିଜର ଭଣଜା ରୂପରେ ଅବତାର ନେଇଥିବା କୃଷ୍ଣରୂପୀ ବିଷ୍ଣୁଙ୍କୁ ଯୁଦ୍ଧ ଦେହି ଡାକରା ଦେଇଥିଲା। ସେଥିପାଇଁ ଏହି ଅମୂଲ୍ୟ ଧନୁକୁ ଏହି ଉତ୍ସବରେ ଆକର୍ଷଣର କେନ୍ଦ୍ର କରି ଏକ ମହା ଉତ୍ସବର ଆୟୋଜନ କରାଯାଇଥିଲା। ଯାହାକୁ ପୁରାଣ ପୃଷ୍ଠାରେ ଧନୁ ଉତ୍ସବ ବା ଧନୁଯାତ୍ରା ବୋଲି ବର୍ଣ୍ଣନା କରାଯାଇଛି। ଯେଉଁ ଧନୁ କି କଂସର ମୃ-ତ୍ୟୁ ବା ନିର୍ବାଣର କାରଣ ସାଜିଥିଲା।




## ରକ୍ତଦାନ ଶିବିରକୁ ଶୁଭାରମ୍ଭ କଲେ ମହାରାଜ କଂସ

**ବରଗଡ଼, ୨୧।୧(ସମିସ):** ୭୬ତମ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଅବସରରେ ପ୍ରବଳ ପ୍ରତାପୀ ମହାରାଜ କଂସଙ୍କ ଆଦେଶକ୍ରମେ ମଥୁରାନଗରୀ (ବରଗଡ଼)ର ମିନାବଜାର ଜର୍ଜ ହାଇସ୍କୁଲ ପଡ଼ିଆରେ ଲଗାତାର ଛଅ ଦିନ ଧରି ନିଷ୍ଠା ପରିବାର ତରଫରୁ ଅନୁଷ୍ଠିତ ହେବ ରକ୍ତ ଦାନ ଶିବିର। ପ୍ରଥମ ଦିନ ରେ ମୁଖ୍ୟ ଅତିଥି ଭାବରେ ପ୍ରବଳ ପ୍ରତାପୀ ମହାରାଜ କଂସ ଯୋଗ ଦେଇ ଫିତା କାଟି ଶିବିରର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ଧନୁଯାତ୍ରା ର ସମ୍ପାଦକ ସୁରେଶ୍ୱର ଶତପଥୀ



ଓ ମନ୍ତ୍ରୀ ପାରିଷଦ ଯୋଗ ଦେଇଥିଲେ। ଲୋକମାନେ ଆସି ସ୍ୱତଃ ରକ୍ତଦାନ କରୁଥିବା ଦେଖି ମହାରାଜ ଭୂୟସୀ ପ୍ରଶଂସା କରିଥିଲେ। ଧନୁଯାତ୍ରା ତଥା ମିନାବାଜାରକୁ ବୁଲି ଆସୁଥିବା ପୁରୁଷ, ମହିଳା ବିଶେଷ କରି ଯୁବ ବର୍ଗ ଖୁବ୍ ଆଗ୍ରହର ସହ ସ୍ୱତଃପ୍ରବୃତ୍ତ ଭାବରେ ରକ୍ତଦାନ ପାଇଁ ନିଜ ନାମ ପଞ୍ଜୀକରଣ କରୁଥିଲେ। ପ୍ରଥମ ଦିବସରେ ୭୮ ୟୁନିଟ୍ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଶିବିରକୁ ନିଷ୍ଠା ପରିବାରର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଜିତୁ ମହାପାତ୍ର, ଖଗେଶ୍ୱର ସାହୁ, ଅଶ୍ୱିନୀ ତ୍ରିପାଠୀ, ଉପ ସଭାପତି କ୍ଷିରୋଦ୍ର ସାହୁ, ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ, ସହସମ୍ପାଦକ ମଦନ ମୋହନ ଦାସ, ମହିଳା ସୂଚାରୁ ରୂପେ ପରିଚାଳନା କରିଥିଲେ।

